ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.106 Bhubaneswar Sunday June 05 2022 | ୨୫ତମ ବର୍ଷ | ସଂଖ୍ୟା-୧୦୬ ଭୁବନେଶ୍ୱର, ରବିବାର, ଜୁନ ୦୫, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଆଜି ରାଜ୍ୟ ମନ୍ତ୍ରିମଣ୍ଡଳର ନବକଳେବର

**- ଶପଥ ନେବେ ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳ - ଇସ୍ତଫା ଦେଲେ ସବୁ ମନ୍ତ୍ରୀ - ସମ୍ଭାବ୍ୟ ମନ୍ତ୍ରୀମାନଙ୍କ ପାଖକୁ ଯାଇଛି ଫୋନ୍ କଲ୍**



ଭୁବନେଶ୍ୱର, ୪।୬(ପି.ଏନ): ରାଜ୍ୟ ମନ୍ତ୍ରିମଣ୍ଡଳର ହେବ ପୂର୍ନଗଠନ। ଆସନ୍ତାକାଲି (ରବିବାର)ଦିନ ୧୧.୪୫ ମିନିଟରେ ରାଜ୍ୟର ନୂତନ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବେ। ଲୋକସେବା ଭବନର କନଭେନସନ ହଲରେ ନୂଆ ମନ୍ତ୍ରୀମାନେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି।ଏହା ପୂର୍ବରୁ ରାଜ୍ୟର ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିବା ସୂଚନା ମିଳିଛି। ସେହିପରି କିଛି ବିଧାୟକଙ୍କୁ ନୂତନ ଭାବେ ମନ୍ତ୍ରୀ ମିଳିବାର ସମ୍ଭାବନା ରହିଛି। ଯେଉଁମାନେ ମନ୍ତ୍ରୀ ଭାବେ ଶପଥ ନେବେ ସେମାନଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ଫୋନ୍ କରିଛନ୍ତି। ଏହାସହ ସମସ୍ତଙ୍କୁ ଭୁବନେଶ୍ୱର ପହଂଚିବାକୁ ନିର୍ଦ୍ଦେଶ ଦିଆଯାଇଛି।ଯେଉଁ ବିଜେଡି ବିଧାୟକମାନଙ୍କୁ ମନ୍ତ୍ରୀ ପଦ ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି ସେଥିରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରତାପ କେଶରୀ ଦେବ ଓ ଅତନୁ ସବ୍ୟସାଚୀ ନାୟକ, ଯାଜପୁର ଜିଲ୍ଲାରୁ ପ୍ରମିଳା ମଲ୍ଲିକ ଓ ପ୍ରୀତିରଂଜନ ଘଡେଇ, ଜଗତସିଂହପୁର ଜିଲ୍ଲାରୁ ପ୍ରଶାନ୍ତ କୁମାର ମୁଦୁଲି, ସମ୍ବଲପୁର ଜିଲ୍ଲାରୁ ରୋହିତ ପୂଜାରୀ, ବଲାଙ୍ଗିର ଜିଲ୍ଲାରୁ ଟୁକୁନି ସାହୁ, ପୁରୀ ଜିଲ୍ଲାରୁ ସମୀର ରଞ୍ଜନ ଦାଶ, ଖୋର୍ଦ୍ଧା ଜିଲ୍ଲାରୁ ଅଶୋକ ଚନ୍ଦ୍ର ପଣ୍ଡା, କଟକ ଜିଲ୍ଲାରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଝାରସୁଗୁଡ଼ା ଜିଲ୍ଲାରୁ ନବକିଶୋର ଦାସ, ବାଲେଶ୍ୱର ଜିଲ୍ଲାରୁ ଅଶ୍ୱିନୀ ପାତ୍ର ଓ ଗଞ୍ଜାମ ଜିଲ୍ଲାରୁ ଶ୍ରୀକାନ୍ତ ସାହୁ ଏବଂ ଉଷା ଦେବୀ ସାମିଲ ଅଛନ୍ତି।ସେହିପରି ବୌଦ୍ଧ ଜିଲ୍ଲାରୁ ପ୍ରଦୀପ ଅମାତ, ବରଗଡରୁ ରୀତା ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କଲ୍ କରିଥିବା ଜଣାପଡିଛି। ଆଜି ସକାଳୁ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କୁ ଇସ୍ତଫା ଦେବାକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ କୁହାଯିବା ପରେ ଜଣକ ପରେ ଜଣେ ମନ୍ତ୍ରୀ ନିଜର ଇସ୍ତଫାପତ୍ର ପଠାଇଛନ୍ତି। ଏପରିକି କେତେଜଣଙ୍କ ପାଖକୁ ଇସ୍ତଫା ପତ୍ରର ଡ୍ରାଫ୍ଟ ଆସିଥିବା ମଧ ଜଣାପଡ଼ିଛି। ପୂର୍ବରୁ ୪ ପାଳି ମୁଖ୍ୟମନ୍ତ୍ରୀତ୍ୱରେ ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ସମୟରେ ନିର୍ଦ୍ଦିଷ୍ଟ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହୁଥିଲେ ନବୀନ। ମାତ୍ର ଏଥର ମନ୍ତ୍ରିମଣ୍ଡଳ ପୁର୍ନଗଠନରେ ମୁଖ୍ୟମନ୍ତ୍ରୀ ଏକ ନୂତନ ଶୈଳୀ ଆପଣାଇଛନ୍ତି। ଏଥର ଏକସଙ୍ଗେ ସମସ୍ତ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହି ସମସ୍ତଙ୍କୁ ଚକିତ କରିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ୍ ମାସରେ ମୁଖ୍ୟମନ୍ତ୍ରୀ ସବୁ ମନ୍ତ୍ରୀଙ୍କର ରିପୋର୍ଟ କାର୍ଡ ମାଗିଥିଲେ। ତେଣୁ ମନ୍ତ୍ରିମଣ୍ଡଳରେ ଶୀଘ୍ର ଅଦଳବଦଳ ହୋଇପାରେ ବୋଲି କୁହାଯାଉଥିଲା । ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହିଭଳି ମନ୍ତ୍ରୀମାନଙ୍କର ରିପୋର୍ଟ କାର୍ଡ ମାଗିବା ସହ ମନ୍ତ୍ରୀମାନଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଏହି ରିପୋର୍ଟ କାର୍ଡରେ ମନ୍ତ୍ରୀମାନେ ସେମାନଙ୍କ ବିଭାଗର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ କେତେ ସଫଳତାର ସହ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି, ସେମାନଙ୍କ ବିଭାଗର କେଉଁ ଯୋଜନା ଅଧିକ ଫଳପ୍ରଦ ହୋଇଛି, ଆଗାମୀ ଦିନରେ କ'ଣ କରିବାକୁ ଯୋଜନା କରିଛନ୍ତି ସେ ନେଇ ବିସ୍ତୃତ ରିପୋର୍ଟ ଦେଇଥିଲେ। ବିଶେଷ କରି ୧୫ରୁ ଊର୍ଦ୍ଧ୍ୱ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଦଳର ମଙ୍ଗୁଆଳମାନଙ୍କୁ ନିରାଶ କରିଥିବାରୁ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦେଇ ନୂଆମୁହଁଙ୍କୁ ସାମିଲ କରାଯିବ ବୋଲି ଚର୍ଚ୍ଚା ଚାଲିଛି।

## ସୂର୍ଯ୍ୟ ପାତ୍ରଙ୍କ ଇସ୍ତଫା ; ମହିଳା ବାଚସ୍ପତି ନେଇ ଚର୍ଚ୍ଚା ଜୋରଦାର

ଭୁବନେଶ୍ୱର, ୪।୬(ପି.ଏନ): ନବୀନଙ୍କ ମନ୍ତ୍ରିମଣ୍ଡଳ ପୁର୍ନଗଠନ ହେବାକୁ ଯାଉଥିବା ବେଳେ ରାଜ୍ୟର ସବୁ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହି କ୍ରମରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନିଜ ଇସ୍ତଫାପତ୍ର ଉପ-ବାଚସ୍ପତିଙ୍କୁ ଦେଇଛନ୍ତି । ଯାହାକୁ ଉପ-ବାଚସ୍ପତି ଗ୍ରହଣ କରିଛନ୍ତି ।ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଇସ୍ତଫା ଦେଇଥିବା ବେଳେ କିଏ ହେବେ ପରବର୍ତୀ ବାଚସ୍ପତି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ରେସରେ ୪ରୁ ଅଧିକ ବରିଷ୍ଠ ନେତା ଥିବା ବେଳେ ଜଣେ ବରିଷ୍ଠ ମହିଳା ବିଧାୟିକାଙ୍କୁ ଏହି ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ବାଚସ୍ପତି ରେସରେ ସବୁଠୁ ଆଗରେ ରହିଛନ୍ତି ପ୍ରଦୀପ ଅମାତ, ଅମର ଶତପଥୀ, ପ୍ରଫୁଲ୍ଲ ମଲ୍ଲିକ। ତେବେ ଯଦି ମହିଳାଙ୍କୁ ସୁଯୋଗର କଥା କୁହାଯାଏ ବରିଷ୍ଠ ବିଧାୟିକା ତଥା ସରକାରୀ ଦଳର ମୁଖ୍ୟ ସଚେତକ ଥିବା ପ୍ରମିଳା ମଲ୍ଲିକଙ୍କୁ ସୁଯୋଗ ମିଳିପାରେ ।ସେହିପରି ବିଧାୟିକା ଉଷା ଦେବୀଙ୍କ ନାଁ ମଧ୍ୟ ବାଚସ୍ପତି ରେରେସ୍ ରେ ଥିବା ଶୁଣିବାକୁ ମିଳୁଛି। ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତିକରଣକୁ ଗୁରୁତ୍ୱ ଦେଉଥିବାରୁ ଏଥର ଜଣେ ମହିଳା ବାଚସ୍ପତି ହୋଇପାରିନ୍ତି। ସେହିଭଳି ପ୍ରଦୀପ ଅମାତ ପୂର୍ବରୁ ୨ଥର ବାଚସ୍ପତି ଥିବା ବେଳେ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ସୁଯୋଗ ମିଳିପାରେ । ସେହିଭଳି ବଡଚଣାର ବିଧାୟକ ଅମର ଶତପଥୀ ମଧ ବାଚସ୍ପତି ରେସରେ ରହିଛନ୍ତି । ୨୦୧୯ ନିର୍ବାଚନ ବେଳେ ତାଙ୍କୁ ପ୍ରୋଟମ ସ୍ପିକର କରାଯାଇଥିଲା । ପୂର୍ବରୁ ସେ ଖଣି ଓ ଇସ୍ପାତ ବିଭାଗର ମନ୍ତ୍ରୀଥିବା ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକଙ୍କୁ ବାଚସ୍ପତି କରିବା ନେଇ ମଧ ଆଲୋଚନା ହେଉଛି ।

## ଜୁନ ଶେଷ ସପ୍ତାହରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୪।୬(ପି.ଏନ): ଚଳିତ ଜୁନ୍ ଶେଷ ସପ୍ତାହରେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବ ବୋଲି ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମାଟ୍ରିକ ଖାତା ଦେଖା ଶେଷ ହୋଇଥିବା ବେଳେ ରେଜଲ୍ଟ ନେଇ ପ୍ରକ୍ରିୟା ଚାଲିଛି ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଚଳିତ ମାର୍ଚ୍ଚ ୨୯ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇ ମେ ୧୦ ତାରିଖ ଶେଷ ହୋଇଥିଲା। ସେହିପରି ଗତ ମେ' ୨୧ରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦଶମ ଶ୍ରେଣୀ ସହିତ ଏସ୍ଓସ୍ ଓ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ କରାଯାଇଥିଲା। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହୋଇଥିଲା। ଖାତା ଦେଖା ପାଇଁ ୪୮୧ ଜଣ ମୁଖ୍ୟ ପରୀକ୍ଷକଙ୍କ ସହ ୯୦୦ ଜଣ ଉପ ପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କୃଟିନାଇଜରଙ୍କୁ ନିୟୋଜିତ କରାଯାଇଥିଲା।

## ଆସନ୍ତା ୧୦ରେ କାର୍ଯ୍ୟଭାର ଗ୍ରହଣ କରିବେ ଶରତ ପଟ୍ଟନାୟକ

ଭୁବନେଶ୍ୱର, ୪।୬(ପି.ଏନ): ଆସନ୍ତା ଜୁନ ୧୦ ତାରିଖରେ ନବନିଯୁକ୍ତ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କାର୍ଯ୍ୟଭାର ଗ୍ରହଣ କରିବେ। ୧୦ ତାରିଖ ଦିନ ଶ୍ରୀ ପଟ୍ଟନାୟକ ଭୁବନେଶ୍ୱର ବିମାନ ବନ୍ଦରରୁ ସକାଳ୧୦.୩୦ ମି.ରେ ସିଧା ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟକୁ ଆସି ଦିନ୧୧.୩୦ ମି. ସୁଦ୍ଧା କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ତରଫରୁ ପ୍ରକାଶ। ଶ୍ରୀ ପଟ୍ଟନାୟକ ଏହାପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସମସ୍ତ କଂଗ୍ରେସ ନେତୃବୃନ୍ଦ ତଥା କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିବେ।

## ଶ୍ରୀ ନୃସିଂହନାଥ ମନ୍ଦିରରୁ ଚୋରି ଘଟଣା : ୨୪ ଘଂଟା ବିତିଲା ପୋଲିସ ହାତ ଖାଲି

ପିପିଲି, ୪।୬(ପି.ଏନ): ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ ନୂଆଶାସନ ଗ୍ରାମରେ ଥିବା ଶ୍ରୀ ନୃସିଂହନାଥଙ୍କ ମନ୍ଦିରରେ ଚୋରି ଘଟଣାର ୨୪ ଘଂଟା ପରେ ବି ପୋଲିସ ହାତ ଖାଲି । ଅର୍ଥାତ୍ ପୋଲିସ ଅଦ୍ୟାବଧି ଘଟଣାରେ କାହାରିକୁ ଗିରଫ କରିନାହିଁ । ଗୁରୁବାର ବିଳମ୍ବିତ ରାତିରେ ମନ୍ଦିରରୁ ଚୋରି ହୋଇଥିଲା। ଦୁର୍ବୃତ୍ତ ମାନେ ମନ୍ଦିରର ତାଲା ଭାଙ୍ଗି ୧୫ଟି ଅଷ୍ଟଧାତୁ ମୂର୍ତ୍ତି, ଠାକୁରଙ୍କ ରୂପା କିରଟୀ ଏବଂ ଦାନବାକ୍ସ ଚୋରି କରିନେଇଥିଲେ। ଗତକାଲି ସକାଳେ ପୂଜକ ମନ୍ଦିରକୁ ପୂଜା କରିବାକୁ ଆସିଥିବା ବେଳେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ । ଏ ସମ୍ପର୍କରେ ସେ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀଙ୍କ ପକ୍ଷରୁ ପିପିଲି ଥାନାରେ ଏନେଇ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତି କରି ପିପିଲି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି, ହେଲେ ଅଦ୍ୟାବଧି ଚୋର କିମ୍ବା ଚୋରୀ ମୂର୍ତ୍ତି ସମ୍ପର୍କରେ ପୋଲିସକୁ ସାମାନ୍ୟତମ ସୂରାଗ ମିଳିନଥିବା ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଚୋର ମାନେ ଏବେ ମନ୍ଦିରକୁ ସହଜ ଟାର୍ଗେଟ ଭାବେ ବାଛି ନେଉଛନ୍ତି । ଯାହାକୁ ଦୃଷ୍ଟିରେ ରଖି ଅଂଚଳରେ ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ : ନିୟମକୁ ଉଲ୍ଲଂଘନ କରାଯାଇ ନିର୍ମାଣ ହେଉଥିବାର ସ୍ପଷ୍ଟ ପ୍ରମାଣିତ ହେଲା : ଡ.ସମ୍ବିତ ପାତ୍ର

ନୂଆଦିଲ୍ଲୀ / ଭୁବନେଶ୍ୱର, ୦୪ ଜୁନ - ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ରାଜନୈତିକ ପ୍ରକଳ୍ପ ନୁହେଁ, ଏହା ଶ୍ରୀମନ୍ଦିରର ସୁରକ୍ଷା, ଇତିହାସ ଓ କିର୍ତୀରାଜ ସୁରକ୍ଷାର ବିଷୟ। ଶ୍ରୀ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣକୁ କେବେହେଲେ ବିରୋଧ କରାଯାଇନାହିଁ। କିନ୍ତୁ ସମସ୍ତ ବିକାଶ ଓ ସୌନ୍ଦର୍ଯ୍ୟକରଣ ଆଇନର ବଳୟ ଭିତରେ ଏବଂ ଆଇନ ସମ୍ମତ ହେଉ। ଅନ୍ୟ ପଟେ ରାଜ୍ୟ ସରକାରଙ୍କ ଜିଦଖୋର ମନୋଭାବ କାରଣରୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ କୋଟି କୋଟି ଓଡିଆଙ୍କ ଆସ୍ଥା ଓ ବିଶ୍ୱାସ ଉପରେ କୁଠାରାଘାତ ହୋଇଛି ।ଏଭଳି ହେଲେ ଆମେ ବାରମ୍ବାର ପ୍ରଶ୍ନ କରିବା ସହିତ ଆନ୍ଦୋଳନ ମଧ କରିବୁ । ଶ୍ରୀ ମନ୍ଦିର ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମସ୍ତ ପ୍ରଶ୍ନର ଜବାବ୍ ଦେବା ଉଚିତ୍ ବୋଲି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ.ପାତ୍ର କହିଛନ୍ତି ଯେ, ଶ୍ରୀମନ୍ଦିରର ୧୦୦ମିଟର ପରିଧି ସଂପୂର୍ଣ୍ଣ ନିଷିଦ୍ଧାଂଚଳ ଏବଂ ୨୦୦ମିଟର ପରିଧି ରେଗୁଲେଟେଡ୍ ଏରିଆରେ କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଏନ୍ଏମ୍ଏ ଆଇନ ଅନୁଯାୟୀ ଏବଂ ଅଧିକୃତ ଏଏସଆଇର ଅନୁମତି ବଳରେ ହୋଇପାରିବ । ଆମ୍ସାର - ୧୯୫୮ ଆଇନ ବଳରେ ଶ୍ରୀମନ୍ଦିରର ୧୦୦ ମିଟର ପରିଧି ଭିତରେ ଶୋଚାଳୟ, ପାନୀୟ ଜଳ, ବିଜୁଳି ଏବଂ ମରାମତି କାର୍ଯ୍ୟ ହୋଇପାରିବ । ନିର୍ମାଣ ସମୟରେ ଶ୍ରୀମନ୍ଦିରର ସୁରକ୍ଷାକୁ ପ୍ରାଧାନ୍ୟ; ଶ୍ରୀମନ୍ଦିର ପରିକ୍ରମା ନିର୍ମାଣକୁ ନେଇ ରାଜ୍ୟ ସରକାର ବାରମ୍ବାର ଏବଂ ମନଇଚ୍ଛା ଡିପିଆର୍ ବଦଳାଇବାକୁ ବିରୋଧ; ଭଙ୍ଗା ଯିବା ପୂର୍ବରୁ ସମସ୍ତ ସ୍ଥାନର ସଠିକ୍ ଜିପିଆରଏସ୍ ସର୍ଭେ କରାଯାଉ; ନିର୍ମାଣଧିନ ଅଭ୍ୟର୍ଥନା ଗୃହ ତଥା 'ରିସେପ୍ସନ ହଲ'କୁ ନିଷିଦ୍ଧାଂଚଳରୁ ରେଗୁଲେଟେଡ ଅଂଚଳକୁ ସ୍ଥାନାନ୍ତର; ଅଧିକୃତ ଏଏସ୍ଆଇ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ନିର୍ମାଣ କାର୍ଯ୍ୟ କରାଯାଉ; ନିର୍ମାଣ ଦ୍ୱାରା ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ, ପାଶ୍ୱବର୍ତୀ ଅଂଚଳ ଏବଂ ଆଧାତ୍ମିକ ଭାବନା ପ୍ରତି ଆଂଚ ନଆସିବାକୁ ନେଇ ଆମେ ଦାବୀ କରୁଥିଲୁ। ମାତ୍ର ଜିଦ୍ଖୋର ମନୋଭାବ ରଖି ରାଜ୍ୟ ସରକାର ସମସ୍ତଙ୍କୁ ଅନ୍ଧାରରେ ରଖି ମନଇଚ୍ଛା ନିର୍ମାଣ କାର୍ଯ୍ୟ କରୁଥିଲେ। ପ୍ରଥମେ ହାଇକୋର୍ଟ ଏବଂ ଗତକାଲି ସୁପ୍ରିମ କୋର୍ଟ ମଧ ଏହି ସମସ୍ତ ଆଇନକାନୁନକୁ ସମ୍ମାନ ଜଣାଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ତାଗିଦ୍ ପରେ ଶ୍ରୀ ମନ୍ଦିର ପରିକ୍ରମା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିବା ପୁରୀ ଜିଲ୍ଲାପାଳ ଏବଂ ଏଏସ୍ଆଇର ଯୁଗ୍ମ କମିଟିର ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା । ନିୟମକୁ ଉଲ୍ଲଂଘନ କରାଯାଇ ନିର୍ମାଣ ହେଉଥିବାର ସ୍ପଷ୍ଟ ପ୍ରମାଣିତ ହେଲା । ରାତିଅଧିଆ ଓ ତରବରିଆ ଭାବେ ଜିପିଆର୍ଏସ୍ ସର୍ଭେ ହେଉଥିବାର ଗଣମାଧ୍ୟମ ଜରିଆରେ ସମସ୍ତେ ଦେଖିଛନ୍ତି । ଶ୍ରୀ ମନ୍ଦିର ସୁରକ୍ଷା ଏବଂ ନିର୍ମାଣ କାର୍ଯ୍ୟକୁ ନେଇ ତାଙ୍କ ମତ ଲୋଡା ଯାଇ ନାହିଁ ବୋଲି କହିବା ସହିତ ଯୋଗ ଭୂମିକୁ ଭୋଗ ଭୂମିରେ ପରିଣତ ନକରାଯିବାକୁ ମଧ ତାଗିଦ୍ କରିଥିଲେ । ନିର୍ମାଣ ହେବାକୁ ଥିବା ଅଭ୍ୟର୍ଥନା ଗୃହ ତଥା 'ରିସେପ୍ସନ ହଲ'କୁ ନିଷିଦ୍ଧାଂଚଳରୁ ରେଗୁଲେଟେଡ ଅଂଚଳକୁ ନିଆଯାଇଛି ବୋଲି ରାଜ୍ୟ ଆଡଭୋକେଟ ଜେନେରାଲ ଉଭୟ ହାଇକୋର୍ଟ ଏବଂ ସୁପ୍ରମକୋର୍ଟରେ ସ୍ୱୀକାର କରିଛନ୍ତି ।

## ଡ୍ରିମଇଣ୍ଡିଆ ସ୍କୁଲର ଗ୍ରୀଷ୍ମ ଶିବିର




ଭୁବନେଶ୍ୱର,୪।୬(ପି.ଏନ): କୁନି କୁନି ପିଲାମାନଙ୍କର ମାନସିକ, ଶାରୀରିକ ଏବଂ ବୌଦ୍ଧିକ ବିକାଶ ନିମନ୍ତେ ଡ୍ରିମ ଇଣ୍ଡିଆ ସ୍କୁଲ, ସାମପୁର ଆୟୋଜନ କରିଥିଲା ମନଛୁଇଁଲା ପରି ଗ୍ରୀଷ୍ମ ଶିବିର, ଏହି ଶିବିର ୨୧ମେ ରେ ଆରମ୍ଭ ହୋଇ ଜୁନ ୪ ତାରିଖ ରେ ଉଦଯାପିତ ହୋଇଛି ! ପିଲାମାନଙ୍କ ଶିକ୍ଷା ସାଙ୍ଗକୁ ଭିଭିର୍ଣ ପ୍ରକାର ଯୋଗ ବୌଦ୍ଧିକ ଗଣିତ,ବକ୍ତୃତା,କ୍ରୀଡା ଆଦି ଆୟୋଜନ କରାଯାଇଥିଲା ! ଡ୍ରିମ ଇଣ୍ଡିଆ ସ୍କୁଲର ଅଧକ୍ଷା ଶ୍ରୀମତୀ ଗାୟତ୍ରୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆରମ୍ଭ ହୋଇଥିବା ଗ୍ରୀଷ୍ମ ଶିବିର ଆଜି ଉଦଯାପିତ ହୋଇଛି,ଏହି ଉଦଯାପନ କାର୍ଯ୍ୟକ୍ରମ କୁ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ମମତା ପଟ୍ଟଶାଣି ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରି ପିଲାମାନଙ୍କର କିପରି ସର୍ବାଙ୍ଗୀନ ଉନ୍ନତି ସାଧନ ହୋଇପାରିବ ତାହା ନିଜ ଅଭିଭାଷଣ ରେ କହିଥିଲେ ! ଏହି ଗ୍ରୀଷ୍ମ ଶିବିରରେ ୨୫୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ.ଉଦଯାପନୀ ଉତ୍ସବ ରେ ମୁଖ୍ୟଅତିଥି ଶ୍ରୀମତୀ ମମତା ପଟ୍ଟଶାଣିଙ୍କ ସମେତ ଅଧକ୍ଷା ଶ୍ରୀମତୀ ରାଉତ ଉପସ୍ଥିତି ରହିବା ସହ ବିଦ୍ୟାଳୟର ଅନ୍ୟାନ୍ୟ କର୍ମକର୍ତା ମାନେ ସହଯୋଗ କରି କାର୍ଯ୍ୟକ୍ରମ କୁ ସଫଳ କରିଛନ୍ତ।

## ଆହୁରି ତାତିବ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶା

ଭୁବନେଶ୍ୱର, ୪।୬(ପି.ଏନ): ରାଜ୍ୟର ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡିକରେ ପୁଣି ବଢ଼ିପାରେ ଗ୍ରୀଷ୍ମ ପ୍ରବାହ। ସେହିପରି ଉପକୂଳ ଜିଲ୍ଲାଗୁଡିକରେ ଗୁଳୁଗୁଳି ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବଲାଙ୍ଗୀର,ବୌଦ୍ଧ, ସୋନପୁର, ବରଗଡ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାରେ ଗ୍ରୀଷ୍ମ ଲହରୀ ହେବ। ଗ୍ରୀଷ୍ମ ପ୍ରବାହ ସମୟରେ ଶିଶୁ, ବୃଦ୍ଧ ଓ ରୋଗୀମାନଙ୍କର ବିଶେଷ ଯତ୍ନ ନେବାକୁ କୁହାଯାଇଛି। ଏହା ବ୍ୟତୀତ ଦିନ ୧୧ ଟାରୁ ଦିନ ୩ ଟା ମଧ୍ୟରେ ଅନାବଶ୍ୟକ ଭାବେ ବାହାରକୁ ନବାହରିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ ,ଜଗପତି, ଗଂଜାମ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ରାଜଧାନୀରୁ ୫ କୋଟି ଟଙ୍କାର ବ୍ରାଉନସୁଗାର ଜବତ , ୩ ଗିରଫ

ଭୁବନେଶ୍ୱର,୪।୬(ପି.ଏନ): ରାଜଧାନୀରୁ ବିପୁଳ ପରିମାଣର ବ୍ରାଉନ ସୁଗର ଜବତ ହୋଇଛି। ଏହାସହ ୩ ଜଣଙ୍କୁ ଗିରଫ କରିଛି ଏସଟିଏଫ। ଜବତ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ବ୍ରାଉନସୁଗର ବିକ୍ରି ପାଇଁ ଡିଲ୍ ବେଳେ ଏସଟିଏଫ ଚଢାଉ କରିଥିଲା। ଗିରଫ ୩ ଜଣଙ୍କ ମଧ୍ୟରୁ ୨ ଜଣ ତମାଣ୍ଡୋ ଅଂଚଳର ହୋଇଥିବା ବେଳେ ଜଣେ ପିପିଲି ଅଂଚଳର ବୋଲି ଜଣାପଡିଛି।

## ୨୧ରେ ଇଟାଲୀ ଓ ଦୁବାଇ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ,୪।୬(ପି.ଏନ): ଚଳିତମାସ ୨୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ଦିନିଆ ବିଦେଶ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଦୀର୍ଘ ୨୫ବର୍ଷ ମଧରେ ଶ୍ରୀ ପଟ୍ଟନାୟକ ଦ୍ୱିତୀୟ ଥର ପାଇଁ ବିଦେଶ ଗସ୍ତରେ ଯିବେ । ଏହି ଗସ୍ତକାଳରେ ସେ ଇଟାଲୀ ଓ ଦୁବାଇ ଯାତ୍ରା କରିବେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜ ବନ୍ଧୁମାନଙ୍କ ସହ ଆସନ୍ତା ୨୧ତାରିଖରେ ଇଟାଲୀ ଗସ୍ତରେ ଯିବେ। ସେଠାରୁ ସେ ଦୁବାଇ ଗସ୍ତ କରିବେ। ଦୁବାଇରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜିନେସ୍ ମିଟ୍ ଆୟୋଜିତ ହେଉଥିବାରୁ ସେଥିରେ ଶ୍ରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଦୁବାଇରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ମନ୍ତ୍ରୀ ଓ ସଚିବମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।ମୁଖ୍ୟମନ୍ତ୍ରୀଙ୍କ ସହ ବିଦେଶ ଗସ୍ତରେ ସମୟରେ ତାଙ୍କର ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ୍ ମଧ ଯିବେ ବୋଲି ସୂଚନା ମିଳିଛି ।ଶ୍ରୀ ପଟ୍ଟନାୟକ ୧୯୯୭ ମସିହାରେ ରାଜନୀତିରେ ପାଦ ଥାପିବା ପରଠୁ ବିଦେଶ ଗସ୍ତରେ ଯାଇନଥିଲେ। ଶେଷଥର ପାଇଁ ୨୦୧୨ ମେ' ମାସରେ ଲଣ୍ଡନରେ ବିଜିନେସ୍ ମିଟ୍ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ପ୍ୟାରୀମୋହନ ମହାପାତ୍ରଙ୍କ 'ମିଡନାଇଟ୍ ଅପରେସନ' ଯୋଗୁ ସେ ନିଜର ଗସ୍ତକୁ କାଂଟଛାଂଟ୍ କରି ଫେରିଥିଲେ। ଏହି ଘଟଣାର ଦୀର୍ଘ ୧୦ବର୍ଷ ପରେ ଶ୍ରୀ ପଟ୍ଟନାୟକ ବିଦେଶ ଗସ୍ତ ଯାଉଥିବା ଜଣାପଡିଛି।

## ହୋଇପାରିଲାନି ଜଗନ୍ନାଥ ଦର୍ଶନ, ପୁରୀ ଯାଉଥିବା ବେଳେ ବାଟରେ କାର ଦୁର୍ଘଟଣାଗ୍ରସ୍ତ , ୮ ଆହତ

ବୌଦ୍ଧ, ୪।୬(ପି.ଏନ): ବୌଦ୍ଧ ଜିଲାରେ ଆଜି ପୃଥକ ପୃଥକ ୪ଟି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ଘର ସଫା କରୁଥିବା ବେଳେ ବିଦ୍ୟୁତ ଆଘାତରେ ବୌଦ୍ଧ ଥାନା ତିଳେଶ୍ୱର ପଂଚାୟତ ଅନ୍ତର୍ଗତ ଖଜୁରିଆ ଗ୍ରାମର ଲାଣ୍ଡୁ ନାଏକ ଙ୍କ ମୃତ୍ୟୁ ହୋଇଛି । ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ବାଇପାସ୍ ଜଗଦୀଶପୁର୍ ଛକ ନିକଟରେ ଏକ ଯାତ୍ରୀବାହୀ ଅଟୋ କୁ ପେଟ୍ରୋଲ ବୋଝେଇ ଟ୍ୟାଙ୍କର ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣେ, ଡାକ୍ତରଖାନାରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଯାତ୍ରୀ ଆହତ ଅବସ୍ଥାରେ ବୌଦ୍ଧ ମେଡିକାଲ ରେ ଭର୍ତି ହୋଇଛନ୍ତି ।ସେହିପରି ବରଗଡ଼ ଅଞ୍ଚଳର ୮ ଜଣ ଯୁବକ ଗୋଟିଏ କାର ଯୋଗେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଅଭିମୁଖେ ବାହାରିଥିଲେ। ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥର ବାଘନଦୀ ପୋଲ ବାଡ଼ ଉପରେ କାର ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ୮ ଜଣ ଯୁବକଙ୍କୁ ଗୁରୁତର ଅବସ୍ଥାରେ ବଉଁସୁଣୀ ମେଡ଼ିକାଲ ରେ ଭର୍ତି କରାଯାଇଛି । ବୌଦ୍ଧ ସହରର ଜଗନ୍ନାଥ ମନ୍ଦିର ନିକଟରେ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହେବ ଫଳରେ ବାଇକ ଚାଳକଙ୍କୁ ଆହତ ଅବସ୍ଥାରେ ବୌଦ୍ଧ ମେଡିକାଲ ରେ ଭର୍ତି କରାଯାଇଛି ।ସେହିପରି ଘର ସଫା କରୁଥିବା ବେଳେ ବିଦ୍ୟୁତ ଆଘାତରେ ଗଲା ଯୁବକଙ୍କ ଜୀବନ । ମୃତକ ହେଲେ ତିଳେଶ୍ୱର ପଂଚାୟତ ଖଜୁରିଆ ଗ୍ରାମର ଲାଣ୍ଡୁ ନାଏକ । ସୂଚନା ଅନୁଯାୟୀ ବୌଦ୍ଧ ଥାନା ତିଳେଶ୍ୱର ପଂଚାୟତ ଅନ୍ତର୍ଗତ ଖଜୁରିଆ ଗ୍ରାମର ଲାଣ୍ଡୁ ନାଏକ ଗତ ୭ ଦିନ ହେବ ବନ୍ଧପଥର ସ୍ଥିତ ନିଜ ଭିଣୋଇ ଘରେ ରହୁଥିଲେ । ଆଜି ସକାଳୁ ଭିଣୋଇ ସାଙ୍ଗେ ମିଶି ଘର ସଫା କରୁଥିଲେ । ଲାଣ୍ଡୁ ଧାନ ବସ୍ତା ବାହାରକୁ ବାହାର କରୁଥିବା ବେଳେ ସେଠାରେ ଲାଗିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ । ଫଳରେ ଚାହୁଁ ଚାହୁଁ ଚେତା ଶୂନ୍ୟ ହୋଇପଡିଥିଲେ। ପାଖ ପଡୋଶୀ ଲୋକେ ଆସି ବିଦ୍ୟୁତ କାଟି ତାଙ୍କୁ ମୁର୍ମୁଶ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମେଡିକାଲରେ ବୌଦ୍ଧ ପୋଲିସ ପହଁଚି ଶବ ଜବତ କରି ତଦନ୍ତ ଆରମ୍ଭ କରୁଛି । ବୌଦ୍ଧ ବାଇପାସ୍ ଜଗଦୀଶପୁର୍ ଛକ ନିକଟରେ ଦୁର୍ଘଟଣା । ଅଟୋ କୁ ପିଟିଲା ପେଟ୍ରୋଲ ବୋଝେଇ ଟେଙ୍କର। ଘଟଣା ସ୍ଥଳରେ ଜଣେ ମୃତ । ୫ ଯାତ୍ରୀ ଗୁରୁତର । ଗୁରୁତର ଅବସ୍ଥାରେ ବୌଦ୍ଧ ମେଡିକାଲ ରେ ଭର୍ତ୍ତି । ସୂଚନା ଅନୁଯାୟୀ ବୌଦ୍ଧ ରୁ ବଘିଆପଡା ଅଞ୍ଚଳକୁ କିଛି ଲୋକ ଏକ ଅଟୋ ଯୋଗେ ଯାଇଥିବା ବେଳେ ବୌଦ୍ଧ ବାଇପାସ ନିକଟରେ ପଛପଟୁ ଆସୁଥିବା ଏକ ପେଟ୍ରୋଲ ବୋଝେଇ ଟେଙ୍କର ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରାଯାଇଥିବା ବେଳେ ମୃତକଙ୍କ ପରିଚୟ ମିଳିପାରିନାହିଁ। ଡାକ୍ତରଖାନାରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ମୃତକଙ୍କ ପରିଚୟ ସହ ଘଟଣାର ତଦନ୍ତ କରୁଛି। ସେପଟେ ଉତ୍ୟକ୍ତ ଲୋକେ ବାଇପାସ୍ ରାସ୍ତା ଅବରୋଧ କରିଥିବା ବେଳେ ଉଭୟ ପଟେ ଅଟକି ରହିଛି ଗାଡିମୋଟର। ଯେ ପର୍ଯ୍ୟନ୍ତ ତାଙ୍କର ସ୍ଥାୟୀ ସମାଧାନ କରାନଯାଏ ସେ ଯାଏଁ ରାସ୍ତାରୋକ ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି । ଜଗା ଦର୍ଶନ ପାଇଁ ପୁରୀ ଯାଉଥିବା ବେଳେ କାର ଦୁର୍ଘଟଣାଗ୍ରସ୍ତ । ୮ ଗୁରୁତର ଅବସ୍ଥାରେ ମେଡ଼ିକାଲ ରେ ଭର୍ତି । ସମସ୍ତ ଗୁରୁତର ବରଗଡ଼ ଅଞ୍ଚଳର । ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅନ୍ତର୍ଗତ ବାଘନଦୀ ପୋଲ ବାଡ଼ ଉପରେ କାର ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ। ସୂଚନା ଅନୁଯାୟୀ ବରଗଡ଼ ଅଞ୍ଚଳର ୮ ଜଣ ଯୁବକ ଗୋଟିଏ କାର ଯୋଗେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଅଭିମୁଖେ ବାହାରିଥିଲେ । ହେଲେ ଭୋର ସକାଳ ସମୟରେ ବାଉଁଶୁଣି ନିକଟସ୍ଥ ବାଘନଦୀ ପୋଲ ଉପରେ ଥିବା ବାଡ଼ । ଉପରେ ଭାରସାମ୍ୟ ହରାଇ କାର ଟି ପିଟିହୋଇଥିଲା । ଫଳରେ କାର ରେ ଥିବା ୮ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ । ଖବର ପାଇ ବାଉଁଶୁଣି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଙ୍କୁ ଉଦ୍ଧାର କରି ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତ ଗୁରୁତରଙ୍କୁ ସୋନପୁର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଛି। ସେପଟେ ବାଉଁଶୁଣି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୬ ଆଦିବାସୀ ପରିବାର ପାଇଁ ସରକାରୀ ଯୋଜନା ଅପହଂଚ

ଭବାନୀପାଟଣା,୪।୬(ପି.ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଉଛଳା ପଚାଂୟତର ଆଇଁଲି ଗ୍ରାମର ଏକ ସାହି ବା ପଡ଼ା ନାଁ ହେଉଛି ପଦ୍ମପୁର । ଏହି ପଡ଼ାରେ ଆଜିକୁ ଦୀର୍ଘ ୬୨ ବର୍ଷ ହେଲାଣି ୬ ଟି ଆଦିବାସୀ ପରିବାର ବସବାସ କରିଆସୁଛନ୍ତି । ବର୍ତ୍ତମାନ ଏହି ଛୋଟ ପଡ଼ାରେ ଛୋଟ ବଡ଼ ମିଶି ୨୦ ରୁ ଅଧିକ ଲୋକ ରହୁଛନ୍ତି । ସରକାରୀ ଯୋଜନା ଏହି ଆଦିବାସୀ ମାନଙ୍କ ପାଇଁ ଅପହଂଚ ପାଲଟିଛି ।ସରକାର ବା ବତାସକୁ ନାହିଁ ଡର, ମୁଣ୍ଡ ଉପରେ ପକା ଘର ନାରା ଦେଉଥିବା ବେଳେ ବାସ୍ତବରେ ଏହା ଏଠାରେ ଫେଲ ମାରିଛି । ଘର ନ ଥିବା ବେଳେ ଚାଳ ଘରେ ଉପରେ ଜରିପାଲ ଦେଇ ବସବାସ କରୁଛନ୍ତି ପରିବାର। ପଦ୍ମପୁର ଗ୍ରାମବାସୀଙ୍କ ପାଇଁ ସବୁ ଦିନିଆ ରାସ୍ତା ନ ଥିବା ବେଳେ ଲୋକେ ଜମିକୁ ଯିବା ପାଇଁ ହିଡ଼ ରାସ୍ତା ନିର୍ମାଣ କରିଥିବା ରାସ୍ତାରେ ଯିବା ଆସିବା କରିଥାନ୍ତି ।ସେହିଭଳି ସ୍ୱଚ୍ଛ ପାନୀୟ ଜଳ ଆଦିବାସୀ ମାନଙ୍କ ପାଇଁ ଅଭିଶାପ ପାଲଟିଛି । ଗୋଟିଏ ବି ନଳକୂପ ନ ଥିବା ବେଳେ ବର୍ଷ ବର୍ଷ ଧରି କୂଅର ପାଣିକୁ ବ୍ୟବହାର କରୁଛନ୍ତି। ଯଦିଓ ସେହି କୂପର ପାଣି ସରିଯାଏ ତାହେଲେ ୨ କିଲୋମିଟର ଦୂର ଉଛଳା ଗ୍ରାମ ମାଳପଡ଼ାର ନଳକୂପକୁ ଯାଇ ପାଣି ଆଣି ବ୍ୟବହାର କରନ୍ତି । ଆଉ ଗାଧୋଇବା ପାଇଁ ବହୁ ଦୂରରେ ଥିବା ନଦୀକୁ ଯାଆନ୍ତି। ସେହି ଅସୁବିଧାକୁ ନେଇ ବର୍ଷ ବର୍ଷ ଧରି ଅଭିଯୋଗ କରିଆସୁଛନ୍ତି, ହେଲେ କେବେ ମଧ ତାଙ୍କ ଅସୁବିଧା ଦୂର ହୋଇନାହିଁ। ସ୍ୱଚ୍ଛ ଭାରତ ଯୋଜନା ମଧ ଏମାନଙ୍କ ପାଇଁ ସାତ ସପନ ପାଲଟିଛି । ଏହି ଯୋଜନାରେ ଗ୍ରାମରେ ଗୋଟିଏ ବି ଶୌଚାଳୟ ନିର୍ମାଣ କରାଯାଇନାହିଁ । ଫଳରେ ଏହି ଲୋକମାନେ ବାହାରେ ଶୌଚ କରିଥାନ୍ତି।ନିର୍ବାଚନ ଆସିଲେ ମାଳ ମାଳ ରାଜନେତା ଓ ନିର୍ବାଚିତ ପ୍ରତିନିଧି ଏହି ସରଳ ନିରିହ ଆଦିବାସୀ ମାନଙ୍କ ପାଖକୁ ଯାଇ ଆନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରିଥାନ୍ତି।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଶ୍ରୀଗୁରୁଜୀଙ୍କ ରାଷ୍ଟ୍ର ଚିନ୍ତନ





ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସରସଂଘଚାଳକ ଶ୍ରୀ ମାଧବ ସଦାଶିବ ଗୋଲୱାଲକର (ଶ୍ରୀଗୁରୁଜୀ) ଦୀର୍ଘ ୩୩ ବର୍ଷ କାଳ ସଂଘର ମୁଖ୍ୟ ରୂପେ କାର୍ଯ୍ୟ କରି ୧୯୭୩ ମସିହା ଜୁନ ମାସ ୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କର ଯେଉଁ ମହାନ ବ୍ୟକ୍ତିତ୍ୱ ଥିଲା, ତାଙ୍କ ମୃତ୍ୟୁ ପରେ ବିଶିଷ୍ଟ ବ୍ୟକ୍ତିମାନେ ଯେଉଁପରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି, ସେଥିରୁ ତାହା ପ୍ରତୀୟମାନ ହେଉଛି। ତାଙ୍କର ମୃତ୍ୟୁ ସମ୍ବାଦ ଶୁଣି ଆଚାର୍ଯ୍ୟ ବିନୋବା ଭାବେ କହିଥିଲେ "ଶ୍ରୀଗୁରୁଜୀଙ୍କଠାରେ ଲେଶମାତ୍ର ସଂକୀର୍ଣ୍ଣତା ନଥିଲା। ସେ ସର୍ବଦା ବିଶୁଦ୍ଧ ରାଷ୍ଟ୍ରୀୟ ଚିନ୍ତାଧାରାରେ କାର୍ଯ୍ୟ କରୁଥିଲେ। ସେ ଇସଲାମ ଓ ଖ୍ରୀଷ୍ଟିଆନ ଆଦି ଅନ୍ୟ ଧର୍ମକୁ ଅତ୍ୟନ୍ତ ଆଦର କରୁଥିଲେ। ସମସ୍ତେ ଭାରତୀୟ ଓ ଏ ଦେଶର କେହି ଭିନ୍ନ ନୁହଁନ୍ତି ବୋଲି କହୁଥିଲେ।" ପୁରୀର ତତ୍କାଳୀନ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ଶ୍ରୀ ନିରଞ୍ଜନ ତୀର୍ଥଦେବ କହିଥିଲେ-"ଶ୍ରୀଗୁରୁଜୀ ଶୁଭ୍ର ବସ୍ତ୍ର ପରିଧାନ କରିଥିବା ଜଣେ ସନ୍ନ୍ୟାସୀ ଥିଲେ।" ଜୈନ ମୁନି ସୁଶୀଲ କୁମାର କହିଥିଲେ-"ଶ୍ରୀ ଗୁରୁଜୀ ଥିଲେ ସଂସ୍କୃତିର ମହାମାନବ।" ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କହିଥିଲେ-"ସଂସଦର ସଦସ୍ୟ ନଥିବା ଜନୈକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଶ୍ରୀ ଗୋଲୱାଲକରଙ୍କ ବିୟୋଗରେ ମୁଁ ମର୍ମାହତ। ସେ ବିଦ୍ୱାନ ଓ ଶକ୍ତିଶାଳୀ ଆସ୍ଥା ରଖୁଥିବା ବ୍ୟକ୍ତି ଥିଲେ। ନିଜର ପ୍ରଭାବୀ ବ୍ୟକ୍ତିତ୍ୱ ଓ ନିଜର ଚିନ୍ତାଧାରା ପ୍ରତି ପ୍ରଗାଢ଼ ନିଷ୍ଠା ଯୋଗୁଁ ରାଷ୍ଟ୍ର ଜୀବନରେ ତାଙ୍କର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା।" ସମାଜବାଦୀ ନେତା ସମର ଗୁହ କହିଥିଲେ-"ତାଙ୍କର ରାଷ୍ଟ୍ରକାର୍ଯ୍ୟରେ ଦେଶଭକ୍ତି, ସମର୍ପଣ ଓ ସେବା ଭାବନାରେ ପ୍ରେରିତ ହୋଇ ଆଜି ହଜାର ହଜାର ଯୁବକ କାର୍ଯ୍ୟରତ ଅଛନ୍ତି।" ଅକାଳୀ ଦଳ ନେତା ଜଥେଦାର ସନ୍ତୋଷ ସିଂହ କହିଥିଲେ-"ଶ୍ରୀଗୁରୁଜୀ ଜଣେ ମହାପୁରୁଷ ଥିଲେ। ତାଙ୍କ ପରି ବ୍ୟକ୍ତି ଅମର ହୁଅନ୍ତି। ତାଙ୍କର ଦେହାବସାନରେ ଶିଖ ସମ୍ପ୍ରଦାୟର ପ୍ରଭୂତ କ୍ଷତି ହୋଇଛି।" ଜୟପ୍ରକାଶ ନାରାୟଣ କହିଥିଲେ-"ଶ୍ରୀଗୁରୁଜୀ ଜଣେ ଆଧ୍ୟାତ୍ମିକ ବିଭୂତି ଥିଲେ। ତାଙ୍କର ରାଷ୍ଟ୍ରୀୟତା ଜାଗରଣରେ ହଜାର ହଜାର ନବଯୁବକ ଆଜି ପ୍ରଭାବିତ ହୋଇଛନ୍ତି।" ବିଶିଷ୍ଟ କଂଗ୍ରେସ ନେତା ହାଫିଜ୍‌କୁଦ୍ଦିନ କୁରେଶୀ କହିଥିଲେ-"ସେ ବାସ୍ତବରେ ଜଣେ ମହାପୁରୁଷ ଥିଲେ। ସେ କଦାପି ମୁସଲମାନ ବିରୋଧୀ ନଥିଲେ। ସଂଘ କଦାପି ମୁସଲମାନ ବିରୋଧୀ ସଙ୍ଗଠନ ନୁହେଁ। ଏହା ଏକ ଭ୍ରମାତ୍ମକ ପ୍ରଚାର।"

ରାଷ୍ଟ୍ର ଓ ରାଷ୍ଟ୍ରୀୟତା ଆଦି ଅବଧାରଣା ସମ୍ପର୍କରେ ଶ୍ରୀଗୁରୁଜୀଙ୍କ ବିଚାର ମୌଳିକ ଓ କାଳୋଚିତ। ତାଙ୍କ ମତରେ ରାଷ୍ଟ୍ର ନିର୍ମାଣର ତିନୋଟି ସର୍ତ୍ତ ରହିଛି। ପ୍ରଥମରେ ନାଗରିକମାନେ ରାଷ୍ଟ୍ରର ଅଧିବାସୀ ଓ ସେ ରାଷ୍ଟ୍ର ଅର୍ଥାତ୍ ଭୂମି ପ୍ରତି ସମ୍ମାନ ଓ ଆଦର ଭାବନା ପୋଷଣ କରିବା ଆବଶ୍ୟକ। ଦ୍ୱିତୀୟରେ ଇତିହାସରେ ଘଟିଥିବା ଘଟଣା ପ୍ରତି ସେମାନଙ୍କ ମନରେ ସମାନ ଭାବନା ଥିବା ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମାନ ଶତ୍ରୁ-ମିତ୍ର ଭାବନା ରହିବା ଆବଶ୍ୟକ। ଏ ଦେଶ ଉପରେ ଆକ୍ରମଣକାରୀ, ଏ ଦେଶର ଶତ୍ରୁ, ସେ ମୋର ମଧ୍ୟ ଶତ୍ରୁ। ଏ ଦେଶର ନିର୍ମାଣରେ ଯେଉଁମାନଙ୍କ ଯୋଗଦାନ ରହିଛି ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନର ଭାବନା ପୋଷଣ କରିବା। ତୃତୀୟ ମହତ୍ୱପୂର୍ଣ୍ଣ ସର୍ତ୍ତ ହେଲା- ରାଷ୍ଟ୍ରର ଏକ ସଂସ୍କୃତି ଅଛି, ତାହାକୁ ସମସ୍ତେ ସ୍ୱୀକାର କରିବା। ଶ୍ରୀଗୁରୁଜୀ ତାଙ୍କର ଅନେକ ଭାଷଣରେ ଏହି ତିନୋଟି ସର୍ତ୍ତଗୁଡ଼ିକର ଭିନ୍ନ ଭିନ୍ନ ସନ୍ଦର୍ଭରେ ବିବେଚନା କରି ରାଷ୍ଟ୍ର ଓ ରାଷ୍ଟ୍ରୀୟତାର ପ୍ରତିପାଦନ କରିଛନ୍ତି। ତାଙ୍କ ମତରେ- "ଏହି ଭାରତ ଏକ ଅଖଣ୍ଡ ବିରାଟ ରାଷ୍ଟ୍ରପୁରୁଷର ଶରୀର। ଆମେ ସମସ୍ତେ ଏହାର ଛୋଟ ଛୋଟ ଅବୟବ। ଅବୟବ ପରି ଆମେ ପରସ୍ପର ମଧ୍ୟରେ ଅଙ୍ଗାଙ୍ଗୀ ପ୍ରେମଭାବ ଧାରଣ କରି ରାଷ୍ଟ୍ର ଶରୀରକୁ ଅଖଣ୍ଡ ଓ ସୁଦୃଢ଼ ରଖିପାରିବୁ।"

କେତେଜଣ ବୁଦ୍ଧିଜୀବୀ ବୌଦ୍ଧିକ ତର୍କ ଦ୍ୱାରା କହନ୍ତି, ଏହି ଦେଶ ଏକ ଅଚେତନ, ବିସ୍ତାରିତ ଜଡ଼ ଭୂଖଣ୍ଡ ମାତ୍ର। ତାଙ୍କୁ ଉତ୍ତର ଦେଇ ଶ୍ରୀଗୁରୁଜୀ କହୁଥିଲେ- "ବୌଦ୍ଧିକ ତର୍କର ମଧ୍ୟ ସୀମା ଥାଏ। ଉଦାହରଣସ୍ୱରୂପ ମନୁଷ୍ୟ ଶରୀର ମଧ୍ୟ ଭୌତିକ। ଆମର ମାତାର ଶରୀର ମଧ୍ୟ ଭୌତିକ, ଅନ୍ୟ ନାରୀର ଶରୀର ମଧ୍ୟ ସେହିପରି ଭୌତିକ। ତେବେ ବ୍ୟକ୍ତି କାହିଁକି ଅନ୍ୟ ନାରୀଠାରୁ ନିଜ ମା'କୁ ଭିନ୍ନ ବୋଲି ମାନ୍ୟତା ଦିଏ? କାରଣ ମା' ପ୍ରତି ସମ୍ମାନ ଓ ଭକ୍ତିଭାବ ଜାଗ୍ରତ ହୋଇଥାଏ।

ଠିକ୍ ସେହିପରି ଏହି ଭୂମିକୁ ଆମେ ମାତା ରୂପେ ଆଦର କରିଥାଉ। ଏଣୁ ଭାରତ ମାତାଙ୍କୀ ଜୟ ଓ ବନ୍ଦେ ମାତରମ୍ କହିବାରେ ଆମେ ଗର୍ବ ଅନୁଭବ କରିଥାଉ। ଯେଉଁମାନେ ବନ୍ଦେ ମାତରମ୍‌କୁ ବିରୋଧ କରୁଛନ୍ତି, ସେମାନଙ୍କୁ ରାଷ୍ଟ୍ରୀୟ କାହିଁକି କୁହାଯିବ? ଯେତେବେଳେ ଆମେ ଏହି ଭୂମିର ସନ୍ତାନ ବୋଲି କହିଥାଉ ସେତେବେଳେ ଏହି ଭୂମି ସମ୍ବନ୍ଧରେ ଆମର ଜ୍ଞାନ ରହିବା ଆବଶ୍ୟକ। ଆମେ ସମସ୍ତେ ଏହି ଭୂଖଣ୍ଡର ଅଧିବାସୀ। ଏହା ଆମର ମାତୃଭୂମି। ଆମେ ସମସ୍ତେ ଏହାର ପୁତ୍ର ବା କନ୍ୟା। ଆମେ ଶ୍ରଦ୍ଧାପୂର୍ବକ ବନ୍ଦେ ମାତରମ୍ ଗାନ ଗାଇଥାଉ। ଏହି ବିଶିଷ୍ଟ ରାଷ୍ଟ୍ରଗାନ ପ୍ରତି ଆମ ସମସ୍ତଙ୍କ ଅନ୍ତଃକରଣରେ ଆଦର ଓ ସମ୍ମାନ ଭାବ ରହିଛି। ଏହି ଗୀତ ଆମର ନେତୃବୃନ୍ଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମାତୃଭୂମିର ସେବା ଓ ସ୍ୱାଧୀନତା ପାଇଁ ସର୍ବସ୍ୱ ତ୍ୟାଗ କରିବାର ପ୍ରେରଣା ଦେଇଥିଲା। ଏହି ମନ୍ତ୍ର ଗାନ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଫାଶୀଖୁଣ୍ଟରେ ଝୁଲିଥିଲେ। ହାତରେ ଗୀତା ଓ କଣ୍ଠରେ ବନ୍ଦେ ମାତରମ୍ ଗାନ କରି ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ହୋଇଛି। ଏହି ବଳିଦାନ ପରିଣାମ ସ୍ୱରୂପ ଆମେ ସ୍ୱାଧୀନତା ପାଇଲୁ ଓ ଇଂରେଜମାନେ ବିତାଡ଼ିତ ହୋଇଥିଲେ। ଆମେ ସ୍ୱରାଜ୍ୟ ହାସଲ କଲୁ ଓ ଆଜି ଆମେ ସ୍ୱାଧୀନତା ଉପଭୋଗ କରୁଛୁ। କିନ୍ତୁ ଆମ ଦେଶର ଦୁର୍ଭାଗ୍ୟ ଯେ ଏପରି କେତେ ଜଣ ବ୍ୟକ୍ତି ଅଛନ୍ତି, ସେମାନେ ବନ୍ଦେ ମାତରମ୍ ଗାନ କରିବାକୁ କୁଣ୍ଠାବୋଧ କରୁଛନ୍ତି। କିନ୍ତୁ ଯେ ସହର୍ଷ ଏହି ରାଷ୍ଟ୍ରଗାନ କରିବେ ସେ ଏହି ରାଷ୍ଟ୍ରର ପୁତ୍ର ରୂପ ସମାଜ। ସେ ହିନ୍ଦୁ କିମ୍ବା ମୁସଲମାନ କିମ୍ବା ଯେଉଁ ଧର୍ମର ହୋଇଥାଉ, ସମସ୍ତେ ବନ୍ଦେ ମାତରମ୍ ଗାନ କରିବା ଆବଶ୍ୟକ। ଏଣୁ ସମସ୍ତେ ଏ ଦେଶକୁ ମାତୃଭୂମି ରୂପେ ସ୍ୱୀକାର କରି ଏହାକୁ ଭକ୍ତି ଓ ସମ୍ମାନ କରନ୍ତୁ ଏବଂ ଏହାର ମହିମା ସହର୍ଷ ଗାନ କରନ୍ତୁ। ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଏହା ପ୍ରଥମ ସର୍ତ୍ତ।

ଶ୍ରୀଗୁରୁଜୀ କହିଛନ୍ତି-ରାଷ୍ଟ୍ରୀୟତା ପାଇଁ ମାନସିକ ନିଷ୍ଠା ଏପରି ଏକ ତତ୍ତ୍ୱ, ଯାହାକୁ ସମ୍ପୂର୍ଣ୍ଣ ସଂସାର ସ୍ୱୀକାର କରେ। ରାଷ୍ଟ୍ର ଜୀବନରେ ଏକୀକରଣ, ଉତ୍ଥାନ ଓ ଗୌରବ ସମ୍ପାଦନ କରିବାରେ ସର୍ବଥା ଶାଶ୍ୱତ ସ୍ରୋତଗୁଡ଼ିକୁ ଶ୍ରୀଗୁରୁଜୀ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି। ପ୍ରଥମରେ ଅନାଦି ଅନନ୍ତ କାଳରୁ ଆମେ ଆମ ଦେଶକୁ ପବିତ୍ର ମାତୃଭୂମି ରୂପେ ସ୍ୱୀକାର କରୁଛୁ। ତା'ପ୍ରତି ଜ୍ୱଳନ୍ତ ଭକ୍ତି ଭାବନାର ଜାଗରଣ ହିଁ ସର୍ବପ୍ରଥମ ଆବଶ୍ୟକତା। ଦ୍ୱିତୀୟରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସହଯୋଗ ଓ ଭ୍ରାତୃତ୍ୱର ଭାବନା ଜାଗରଣ ହେବା ଆବଶ୍ୟକ। ଆମେ ଏକ ମହାନ ମାତାର ସନ୍ତାନ, ଏହି ଅନୁଭୂତି ଦ୍ୱାରା ଏପରି ଭାବନା ସୃଷ୍ଟି ହୋଇଥାଏ। ତୃତୀୟରେ ଜାତୀୟ ଜୀବନର ସମାନ ଧାରା ସମ୍ବନ୍ଧରେ ତୀବ୍ର ଚେତନାବୋଧ ରଖିବା। ଏ ଚେତନା ସମାନ ସଂସ୍କୃତି, ସମାନ ଇତିହାସ, ସମାନ ପରମ୍ପରା, ସମାନ ଆଦର୍ଶ, ସମାନ ଶ୍ରଦ୍ଧାକେନ୍ଦ୍ର ଓ ସମାନ ଆକାଂକ୍ଷାରୁ ଉତ୍ପନ୍ନ ହୋଇଥାଏ। ଏହି ତ୍ରିସୂତ୍ରୀୟ ମୂଲ୍ୟବୋଧଗୁଡ଼ିକୁ ପ୍ରତ୍ୟେକ ରାଷ୍ଟ୍ରର ଜନସାଧାରଣ ସ୍ୱୀକାର କରିବା ଆବଶ୍ୟକ। ଏହାଦ୍ୱାରା ରାଷ୍ଟ୍ରୀୟତାର ଜାଗରଣ ହେବ। ଏହି ରାଷ୍ଟ୍ରୀୟତା ଜାଗରଣ ହିଁ ଆମ ରାଷ୍ଟ୍ର ମନ୍ଦିରର ଭିତ୍ତିପ୍ରସ୍ତର।

**-ସର୍ବେଶ୍ୱର ବେହେରା**
*ଆଡ୍‌ଭୋକେଟ, ଖର୍ଚ୍ଚନ ସାହି, କଟକ, ମୋ-୯୪୩୭୦୬୭୩୮୪*

# ଆମ ପରିବେଶ ଓ ଆମ ଜୀବନ



ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି।

ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି। ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ।

ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ। ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଗ ସନ୍ତୁଳିତ ଅବସ୍ଥାରେ ବଂଚିଛେ। ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ।

ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି। ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ।

ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍'। ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏଡାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁରୋଗର କାରଣ।





ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ: ଜୈବିକ ପରିବେଶ ଓ ଅଜୈବିକ ପରିବେଶ। ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ। ଯଥା: ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି। ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି।

ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି। ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି ।

ଏହା ବାଦେ ଆଉ ଦୁଇଟି ପରିବେଶ ଅଛି: ପ୍ରାକୃତିକ ଓ କୃତ୍ରିମ ପରିବେଶ। ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ। କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ। ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ। ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି।

ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀ ମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି। ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି।

ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୃଷ୍ଟ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି।

ଏକଥା ସତ୍ୟ ଯେ ମାଟି ବିନା ଜୀବନ ବିପର୍ଯ୍ୟସ୍ତ। ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା-ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦୂଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି।

ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି। ଏମାନେ ସମସ୍ତେ ୧୨୦ ଡେସିବଲଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି।

ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ। ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ।

ଏବେ ବଳାଏ ମହାକାଶ ପ୍ରଦୂଷଣ। ପୃଥିବୀପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ। ଏହାପରେ ମହାକାଶ। ଏହା ବାୟୁରହିତ। ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ। ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି।

ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଂଚିବା ତ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ। ଏବେ ଏହା ୧୦ ଶହ କୋଟି। ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ।

ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ।



ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।

**ବିପିନବିହାରୀ ମହାନ୍ତି**
*ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮*

## ଧର୍ମପ୍ରାଣା କୁମୁଦିନୀ ଜେନାଙ୍କ ସ୍ମୃତିଚାରଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ବରଜୁନଗର ଠାରେ ସାମ୍ବାଦିକ ମାନସ ରଂଜନ ଜେନାଙ୍କ ମା' ତଥା ଧର୍ମପ୍ରାଣା ମହିଳା ସ୍ୱର୍ଗତା କୁମୁଦିନୀ ଜେନାଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ସଂଗ୍ରାମ କେଶରୀ ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ସାଂସଦ ରୀତା ତରାଇ, ପ୍ରକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ଧର୍ମଶାଳା ପ୍ରେସ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡା, କୃଷକ ନେତା ବସନ୍ତ ପରିଡା ଯୋଗଦେଇ ସ୍ୱର୍ଗତା କୁମୁଦିନୀ ଜେନା ଏକାଧାରରେ ଜଣେ ସୁଗୃହିଣୀ, ଧର୍ମପରାୟଣା ମହିଳା ଓ ପରୋପକାରୀ ମହିଳା ଥିଲେ। ସମସ୍ତଙ୍କୁ ସେ ସ୍ନେହ ଶ୍ରଦ୍ଧାରେ ବାନ୍ଧି ରଖିପାରିଥିଲେ ବୋଲି ମତବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଏହି ଶ୍ରଦ୍ଧାଂଜଳି ସଭାରେ ପୂର୍ବତନ ବିଧାୟକ ରବି ଲାବଣ୍ୟ, ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, କୈଳାଶ ଚନ୍ଦ୍ର ନାୟକ, ରମାକାନ୍ତ ଜେନା, ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ସ୍ମରଜିତ ମହାନ୍ତି, ବିମଳ ପତି, ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ. ଡ. ରୁଦ୍ରନାରାୟଣ ପୃଷ୍ଟି, ପ୍ରଶାନ୍ତ କୁମାର ସ୍ୱାଇଁ, ମାନସ ରଂଜନ କର, ସର୍ବେଶ୍ୱର ବେହୁରା, ଦେବବ୍ରତ ରାଉତ, ସଚେତନ ନାଗରିକ ମଂଚର ଆବାହକ ସରୋଜକାନ୍ତ ବେହେରା, ଗୋଲକ ଚନ୍ଦ୍ର ପଲେଇ, ରାଧାଶ୍ୟାମ ସାହୁ, ନୃସିଂହ ମିଶ୍ର, ପ୍ରଫୁଲ୍ଲ ରାୟ, ବିଶ୍ୱବନ୍ଦନା ଜେନା, ମିନତୀ ସାହୁ, ଇନ୍ଦୁପ୍ରଭା ସାମଲଙ୍କ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ତାଙ୍କର ବଡପୁଅ ସାମ୍ବାଦିକ ମାନସ ରଂଜନ ଜେନା, ସାନପୁଅ ସରସ ରଂଜନ ଜେନା, ଜାମାତା ସାମ୍ବାଦିକ ଇନ୍ଦ୍ରମଣି ନାୟକ, ସୁଶାନ୍ତ କୁମାର ସାମଲ ପ୍ରମୁଖ ପରିବାର ପକ୍ଷରୁ କୃତଜ୍ଞତା ଜଣାଇଥିଲେ।

## କେନ୍ଦ୍ରାପଡା ହାଇସ୍କୁଲ ୧୯୮୧ବ୍ୟାଚର ବନ୍ଧୁମିଳନ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ଦ୍ୱିତୀୟ ସର୍ବପୁରାତନ ହାଇସ୍କୁଲ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୧ ମାଟ୍ରିକ ବ୍ୟାଚର ସହପାଠୀମାନଙ୍କର ଏକ ବନ୍ଧୁମିଳନ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବନ୍ଧୁମିଳନରେ ବ୍ୟାଙ୍କ ଅଧିକାରୀ ଅମିୟକାନ୍ତ ରାଉତ, କେନ୍ଦ୍ରାପଡା ଅର୍ବାନବ୍ୟାଙ୍କ ପରିଚାଳକ ରବୀନ୍ଦ୍ର କୁମାର ପାତ୍ର, ଶିକ୍ଷାବିତ ସେକ ସାହାଜାନ ଖାଁ ପ୍ରମୁଖ ଯୋଗଦେଇ ସେହି ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହ ଆଗାମୀ ଡିସେମ୍ବର ମାସରେ ଏହି ବ୍ୟାଚ ପକ୍ଷରୁ ଏକ ଗୁରୁ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ସହ ସହପାଠୀମାନଙ୍କର ଏକ ଡାଇରେକ୍ଟୋରୀ ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବନ୍ଧୁମିଳନରେ ଶ୍ୟାମସୁନ୍ଦର ନାୟକ, ମହମ୍ମଦ ଫାୟାଜ, ଇସ୍ତାଏଲ ଅଲ୍ଲୀ, ଆସଫ ଅଲ୍ଲୀ, ଜୀତେନ୍ଦ୍ର ରାଉତ, ମନୋଜ ନାୟକ, ନବକିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ମହାକବି ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଅନୁଷ୍ଠିତ



ଧର୍ମଶାଳା (ପିଏନ୍): କାବ୍ୟ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ଏ ମାଟିର ଦ୍ରୋଣ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଅତ୍ୟନ୍ତ ଭାବଗମ୍ଭୀର ପରିବେଶ ମଧ୍ୟରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ଜାରକା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଉଦ୍‌ଘାଟକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା, ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ବିଜୟ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଯତିନ୍ଦ୍ର କୁମାର ରାଉତ ଓ ସମ୍ମାନିତ ଅତିଥି ଭାବେ ସରୋଜିନୀ ସ୍ମୃତି ସଂସଦ ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତ୍ତରଂଜନ ମହାନ୍ତି ଯୋଗଦେଇ ମାଟିର କବି ସଚ୍ଚିରାଉତରାୟ ଓଡିଆ ସାହିତ୍ୟରେ ଆଧୁନିକତାର ପ୍ରବର୍ତ୍ତକ ଥିଲେ ଓ ସାମ୍ୟବାଦ ଚେତନାର ବାର୍ତ୍ତାବହ ଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ସମ୍ପାଦକ ହୃଷିକେଶ ସାମଲ ସୂଚନା ଦେଇଥିବା ବେଳେ ଉପସଭାପତି ମିନତୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଉପଦେଷ୍ଟା ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ ଅଙ୍ଗବସ୍ତ୍ର ଦେବା ସହିତ କବିଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାଶ ମଙ୍ଗଳାସ୍ତୋତ ପାଠ କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ନାୟକ କବିଙ୍କ ପ୍ରିୟ ସଂଗୀତ 'ଛୋଟ ମୋର ଗାଁଟି' ପରିବେଷଣରେ ସହାୟତା କରିଥିଲେ। କବିଙ୍କ ଲିଖିତ କାଳଜୟୀ କବିତା ମଧ୍ୟରୁ କେତେଗୋଟି କବିତା ବ୍ରଜବଂଧୁ ଶତପଥୀ, ପ୍ରତାପରୁଦ୍ର ପଣ୍ଡା, ପ୍ରଦୀପ ସାମଲ, ଗାୟତ୍ରୀ ନାୟକ, ନରୋତମ ସାହୁ, ବିଜୟ ନାୟକ ପାଠ କରିଥିଲେ। ଉପସ୍ଥିତ ଥିବା ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ପ୍ରିୟନାଥ ମହାପାତ୍ର ଓ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମହାକବିଙ୍କ ସହ ସେମାନଙ୍କର ଅଭୁଲା ସ୍ମୃତି ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ପୁରୁଷୋତମ ବିଶ୍ୱାଳଙ୍କ ଲିଖିତ ପୁସ୍ତକ ରତ୍ନଦ୍ୱୀପର ଶୀତଳ ପବନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗୋକର୍ଣ୍ଣିକା ସହ-ସଂପାଦକ ଅଧ୍ୟାପକ ମହେଶ୍ୱର ପାତ୍ରୀ ଏହାକୁ ପରିଚାଳନା କରିଥିବା ବେଳେ ସହ ସଂପାଦକ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ। ଡ. ତୁହିନାଂଶୁ ରଥ, ଡ. ମହେଶ୍ୱର ଜେନାସାମନ୍ତ, ସନ୍ତୋଷ କୁମାର ତରାଇ, ନାରାୟଣ ନନ୍ଦ, କବି ନିରଂଜନ ଜେନା ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

## ସିପିଆଇ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି .ପି. ଆଇ.)ର ପରିବର୍ଦ୍ଧିତ ବୈଠକ ସାଥି ସୋହାନା ବେଗମଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦେଶ ପାଇଁ ଶହୀଦ ହୋଇଥିବା ବଳିୟାନ ସାଥିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପରେ ପାର୍ଟିର ଜିଲ୍ଲା ସମ୍ପାଦକ ସାଥି ରମଣୀ ରଞ୍ଜନ ରାଉତରାୟ ବିଗତ ଦିନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ ସହିତ ଆଗାମୀ ଦିନରେ ଜିଲ୍ଲାର ପ୍ରକୃତ ବିକାଶ ପାଇଁ ସି. ପି. ଆଇ. ବ୍ୟାପକ ଭାବେ ଲଢେଇ କରିବ ବୋଲି ଆହ୍ୱାନ ଦେଇଥିଲେ। ଶିଳ୍ପ ବିହୀନ କେନ୍ଦ୍ରାପଡା ଜିଲ୍ଲାରେ ତୁରନ୍ତ ରାଜ୍ୟ ସରକାର ଘୋଷଣା କରିଥିବା ମିତଲ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ସେ ଦାବି କରିଥିଲେ। ଖାଲି ନିର୍ବାଚନି ବାଣ ନକରି ପୂର୍ବ ଘୋଷିତ ବିଦ୍ୟୁତ ପ୍ଲାଣ୍ଟ ଅଳାଇଲୋରେ ପ୍ରତିଷ୍ଠା କରାଯିବା, ନଦୀ ଭିତ୍ତିକ ବନ୍ଦର ପ୍ରତିଷ୍ଠା କରାଯିବାକୁ ଘୋଣଷା ହୋଇଥିଲେବି ତାହା ହୋଇପାରିଲା ନାହିଁ। ଏହାକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବାକୁ ପାର୍ଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ବର୍ତ୍ତମାନ ଦରଦାମ ବୃଦ୍ଧି, ଶ୍ରମିକଙ୍କ ସମସ୍ୟା, ବିଦ୍ୟୁତ ଶୁଳ୍କ ବୃଦ୍ଧି ବିରୋଧରେ ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସଙ୍ଗଠିତ ହେବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏଥିସହିତ ଆସନ୍ତା ଜୁନ ୧୧ ଓ ୧୨ ଦୁଇଦିନ ଧରି ପାର୍ଟିର ଜିଲ୍ଲା ସମ୍ମିଳନୀ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀକୁ ରାଜ୍ୟ ସମ୍ପାଦକ ସାଥି ଆଶିଷ କାନୁନଗୋ ଉଦଘାଟନ କରିବେ। ଏହି ପ୍ରସ୍ତୁତି ବୈଠକରେ ସହ ସମ୍ପାଦକ ଆଦିକନ୍ଦ ରାଉଳ, ପୂର୍ବତନ ସଂପାଦକ ବାବାଜୀ ଧଳ, ମାର୍ଶାଘାଇ- ମହାକାଳପଡା ଜୋନ ସଂପାଦକ ବିକାଶ ଚନ୍ଦ୍ର ବେଉରା, ସୀତାକାନ୍ତ ବାରିକ, ପ୍ରଦୀପ ବେହେରା, ଦାମୋଦର ମଳିକ, ଉମେଶ ନାୟକ, ବସନ୍ତ କୁମାର ବାରିକ, ସଞ୍ଜୟ ବସନ୍ତିଆ, ଅକ୍ଷୟ କୁମାର ମଲ୍ଲିକ, ଭଜହରି ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମ୍ମିଳନୀ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହୋଇ ଏହାରେ ଅଧକ୍ଷ ଭାବେ ପ୍ରଫେସର ଅଜୟ ସାମଲଙ୍କ ସମେତ ଅନ୍ୟ ୮୦ ଜଣ ସଭ୍ୟଙ୍କୁ ଚୟନ କରାଯାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁନ୍ ୦୫

# ନିର୍ଯାତନା



ଏ ଶବ୍ଦଟି ଏକ କ୍ଲିଷ୍ଟବୋଧ ନିଶ୍ଚୟ ତେବେ ଯେ ଭୋଗେ ତାକୁ ଓ ତାର ଆତ୍ମୀୟ ସ୍ୱଜନ ପାଖ ଲୋକଙ୍କୁ ଯେମିତି ଲାଗେ ସେମିତି ଅନ୍ୟଙ୍କୁ ଏପରି ଲାଗେ ନାହିଁ। ଏଇ ଅନ୍ୟ ଖୋଜାରେ କିଛି ବ୍ୟକ୍ତି କାଦୁଅରେ ପଶେ କିଏ ଗୋଡ଼ ଧୁଏ କିଏ? ମତରେ ରହିବା ବେଳେ ଆଉ କିଏ ଆଲୋ ସଖି ଆପଣା ମହତ ଆପେ ରଖି ମତରେ ପୁଣି କିଏ ନିର୍ଯାତନା ଭୋଗକାରୀ ନିର୍ଯାତନା ପ୍ରଦାନକାରୀର କଣ କିଛି କରିଛି ନା ନହେଲେ ଏମିତି କାହିଁକି ହୋଇଥାନ୍ତା ଆଉ କିଏ କଜଳପାତିଆ ମଧ୍ୟସ୍ଥି ହେବାକୁ ବାହାରିବା ଉପକ୍ରମ କରନ୍ତିତ ଆଉ କିଏ ହଟ୍ଟ ଦେଖିବାକୁ କଥାକୁ ଭିନ୍ନ ମୋଡ଼ ଦେଇ ବେଳକୁ ବେଳ ଜଟିଳ ଖର୍ଚ୍ଚାନ୍ତ ସମୟ ନଷ୍ଟ କରି ନିର୍ଯାତନା ଭୋଗ ଲୋକଟିର ସର୍ବସ୍ୱାନ୍ତ କରିଦେବା ମାର୍ଗ ଧରାଇ ଦିଅନ୍ତି। ପଶୁ ଓ ମଣିଷ ମଧ୍ୟରେ ଅନେକ ଫରକ ଅଛି। ହେଲେ ପାଶବିକ ପ୍ରବୃତ୍ତି ମଣିଷ ମସ୍ତିଷ୍କରେ ବେଳେ ବେଳେ ବଳବତ୍ତର ହୋଇ ନିଜର ପରି ମଣିଷ ଉପରେ ହିଁ ପ୍ରୟୋଗ ହୋଇଯାଇଥାଏ। ଏପରି କଳ୍ପନା ବହୁ ପ୍ରକାରରେ ଆଣି ଋଷିମୁନୀମାନେ ସ୍ମୃତିଶାସ୍ତ୍ର ରଚନା କରିଯାଇଛନ୍ତି। ଏଥିରେ ବ୍ୟକ୍ତିମାନଙ୍କର ଆଚାର ବ୍ୟବହାର କେମିତି ରଖାଯିବା ଦରକାର ଲେଖାଅଛି। ମନୁ ସଂହିତା ନାମ ଅନେକ ଜାଣନ୍ତି ମାତ୍ର ଏପରି ଆହୁରି ୧୯ଟି ସଂହିତା ଅଛି। ଭାରତର ସମ୍ବିଧାନ ଏପରି ଏକ ଆଚାର ସଂହିତା ଯହିଁ ଭାରତ ବର୍ଷର ସର୍ବଧର୍ମ ସମନ୍ୱୟ କରି ଏକ ବିହିତ ବ୍ୟବସ୍ଥା ଏଥିରେ ରଖାଯାଇଛି। ଏ ମଧ୍ୟରେ ପେନାଲକୋର୍ଡ଼ ଧାର୍ଯ୍ୟ ଅଛି। ପେନାଲ କୋର୍ଡ଼ରେ ଧାରା ଉପଧାରା ଅଛି। ଏଗୁଡ଼ିକ ତଦାରଖ ପାଇଁ ପ୍ରତି ରାଜ୍ୟର ପୋଲିସ ବିଭାଗ ଉପରେ ନ୍ୟସ୍ତ। ପୋଲିସ ଅପରାଧର ଦିଗ ଜାଣି ଅପରାଧି ପାଇଁ କେଉଁ କେଉଁ କୋର୍ଡ଼ ଲାଗିବ ଲେଖି କୋର୍ଟଙ୍କ ଅବଗତ ପାଇଁ ପଠାନ୍ତି। ସେଠାରେ ବିଚାର ଫ୍ୟାକ୍ଟ ଓ ଲରେ ତର୍ଜମା କରାଯାଇ ପ୍ରକୃତ ଦୋଷୀର ବିଧାନ କରାଯାଏ। ହେଲେ ବହୁତ ପ୍ରକାର ଦଣ୍ଡର ବିଧାନ ଓ ଶାସ୍ତି ଭୋଗ ଥିଲେ ବି ବେଳକୁ ବେଳ କେମିତି ଅପରାଧ ଓ ନିର୍ଯାତନାମାନ ବଢ଼ିବାରେ ଲାଗିଛି। ଅଭିଯୁକ୍ତର ଅପରାଧ ସାବ୍ୟସ୍ତ ହେବାକୁ ସମୟ ବେଳେ ଅନେକ ବର୍ଷ, ମାସ, ଦିନ ଲାଗୁଛି ଫଳରେ ଜେଲରେ ବିଚାରାଧୀନ କଏଦୀ ପାଇଁ ଜେଲରେ ଖାଦ୍ୟପେୟ ସ୍ୱାସ୍ଥ୍ୟସେବା, ସରକାରୀ ଖର୍ଚ୍ଚରେ ହିଁ ଯୋଗାଯାଉଛି। ଅନେକ ଚାଲିଗଲା ପରେ ବିଚାର ପାଇଁ ତାରିଖ ଧାର୍ଯ୍ୟ ହୋଇ ବି କେବେ କେବେ କଚେରୀରେ ବିଭିନ୍ନ କାରଣରୁ ତାରିଖ ଶୁଣାଣିରେ ନ ଆସି ଛୁଟି ବା କୋର୍ଟ ବାତିଲ ଯୋଗୁଁ ପୁଣି ଆଗ ତାରିଖକୁ ଘୁଞ୍ଚାଇ ଦିଆଯାଉଛି। ଏଥିରେ ଖର୍ଚ୍ଚ ସରକାରଙ୍କର ବିଚାରାଧୀନ କଏଦୀ ପାଇଁ ହିଁ ବଢୁଛି। ବିଚାରାଧୀନ କଏଦୀକୁ ବିଚାରଟି ପୂର୍ଣ୍ଣାଙ୍ଗ ଶୁଣାଣି ବହୁ ସମୟ ଲାଗିବାରୁ କଏଦୀକୁ ଜାମିନରେ ଛାଡ଼ କରାଯାଉଛି। ଏହା ଆହୁରି ଏକ ସମସ୍ୟା ବେଳେ ସୃଷ୍ଟି କରିବାରେ ଆସିଯାଉଛି। ବ୍ୟକ୍ତିଟି ଘର ଗୃହସ୍ଥକୁ ଫେରେ ହେଲେ ବାଣିଜ୍ୟ ବୃତ୍ତିରେ ଥିଲେ ସେଥିରେ ରହିପାରେ ମାତ୍ର ଚାକିରୀରେ ସେ ପୂର୍ବପରି ଆଉ କର୍ମ କରିନପାରେ। ଶ୍ରମିକଟିଏ ହେଲେ ତାର ରୋଜକାରରେ ବି ବାଧା ଉପୁଜେ। ଏକ ଘୃଣ୍ୟ ନଜର ଅନେକଙ୍କର ତାଙ୍କ ପ୍ରତି ଆସେ ବା ଯେଉଁ ଆତଙ୍କ ସେ ପୂର୍ବରୁ କରିଥାନ୍ତି ତାକୁ ଭାବି ଅନେକ ପ୍ରିୟଜନ ବନ୍ଧୁବାନ୍ଧବ ଏକ ପ୍ରକାର ଦୂରେଇ ରହିବାକୁ ଚେଷ୍ଟା କରନ୍ତି। ବିଚାରରେ ଜେଲ ହେଲେ, ଜେଲରେ ବ୍ୟକ୍ତିର ବୃତ୍ତି ସଂସ୍କାର ଅନେକ ଶ୍ରମମୟ କାର୍ଯ୍ୟରେ କିଛି ରୋଜଗାର ପାଇଁ ଶିକ୍ଷା ପ୍ରତ୍ୟକ୍ଷରେ ଦିଆଯିବା ସହିତ ମସ୍ତିଷ୍କରେ ଗଠନମୂଳକ ଅନେକ ଶିକ୍ଷା ଦେବା ବ୍ୟବସ୍ଥା କରାଯାଇଛି। ହେଲେ ଜେଲ ଫେରନ୍ତା ପାଇଁ ତାକୁ ନୂତନ ଥଇଥାନ ସମସ୍ୟା କିଛି ଦେଖାଦିଏ ତାକୁ ସ୍ଥାନୀୟ ପୋଲିଶ ପ୍ରଶାସନ କିଛି ବୃତ୍ତି ଧରିବା ପାଇଁ ସହାୟକ ଅନେକ ସମୟରେ ହୋଇପାରନ୍ତି। ପ୍ରତିକାର ଏ ସବୁର ମୂଳ ହେଉଛି ଶିକ୍ଷାକ୍ଷେତ୍ର। ଅପରାଧୀ ଏକ ଦିନରେ କେହି ହୁଏନାହିଁ। ଅନେକଙ୍କର ଅପରାଧ ଚିନ୍ତା ଚାପି ହୋଇଥାଏ ସୁଯୋଗ ବାଟ ପାଇଗଲେ ଦୁଃସାହସ ଜାଗ୍ରତ ହୋଇ ଅଘଟଣ ହୋଇଯାଏ। ପ୍ରାଥମିକ ଶିକ୍ଷକମାନେ ଶିଶୁକୁ ସୃଜନୀ ଶିକ୍ଷା ଦେଲାବେଳେ ଏପରି ଅପରାଧୀ ଚିନ୍ତାର ଖିଅଟି ଧରିଥାନ୍ତି ତାକୁ ଡରେଇ ବେତ ଦେଖାଇ କିଛି ଲଘୁଦଣ୍ଡ ଦେଇ ସଂସ୍କାର କରାଇବାକୁ ଚେଷ୍ଟା କରାଉଥିଲେ। ଯାହା ପରଜୀବନରେ ସେହି ବିଦ୍ୟାର୍ଥୀଟି ଏକ ସୁଧାରଣ ଓ ପରିସୀମା ମଧ୍ୟରେ ରହିବା ଚେଷ୍ଟା କରୁଥିଲା। ରାଗ, କ୍ରୋଧ ସମସ୍ତଙ୍କର ଅଛି ହେଲେ ସ୍ୱାର୍ଥସିଦ୍ଧି ପାଇଁ ଅନ୍ୟ ବିରୋଧୀ ହେଲେ ହିଂସାର ଦିଗ ଖୋଲିଯାଏ। ଏ ସମୟରେ ଅସ୍ତ୍ର ବନ୍ଧୁକ ପିଟଣା ହାତରେ ଥିଲେ ଭୟଙ୍କର ନିର୍ଯାତନା ଆରମ୍ଭ ହୋଇଯାଉଛି। ଏସବୁ ଗ୍ରାମ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରକୃତରେ ବର୍ଦ୍ଧିତ ବାଳକର ଛୋଟ ବୟସରୁ ସଂସ୍କରିତ କରିଦେଇପାରନ୍ତି। ଏଥର ଜଟିଳ ହେଉଛି ପୂର୍ବ ଶିକ୍ଷାଦାନ ପଦ୍ଧତି ଅଚଳକୁ ଶିକ୍ଷକଙ୍କ ପ୍ରାଧାନ୍ୟ କମ କରି ତାଙ୍କୁ ପିଲାଙ୍କର ମୂରବୀଗଣ ଓ ସରକାର ଏକ ଶିକ୍ଷାଦାନର ମୂଲିଆ ଆକାରରେ ଧରି ନେଉଛନ୍ତି। ଟିଉସନ ମାଷ୍ଟ୍ର ଦ୍ୱାରା କୌରବ ପାଣ୍ଡବ ପାଠପଢ଼ି ଦିନେ ଭୟଙ୍କର ମହାଭାରତ ଯୁଦ୍ଧ ଡାକି ଆଣିଥିଲେ। ସେହିପରି ଟିଉସନ ମାଷ୍ଟ୍ରଙ୍କ ପାଠପଢ଼ାରେ ସମସ୍ତେ ଏବେ ପ୍ରାଧାନ୍ୟ ଦେଇ ସାମୂହିକ ଭାଇଚାରା ପାଠପଢ଼ାରେ ଅବହେଳା କରାଉଛନ୍ତି। ଖଣ୍ଡା ଯୁଦ୍ଧ ନୁହଁ କଲମ ଓ ପାଠରେ ଯୁଦ୍ଧ ଦ୍ୱାରା ଏବେ ବଡ଼ ବଡ଼ ପଦବୀ ହାସଲ କରିବା ଦିଗ ଉନ୍ମୁକ୍ତ ମାତ୍ର ଉଦ୍ଦିଷ୍ଟ ଦିଗ ପାଇଁ କେବଳ ପାଠରେ ସେଟିଂ କରି ପଦବୀ ହାସଲ କରାଇବା ଯାଏ ଗଲେ କେବେ ସ୍ୱାଧୀନ ଭାରତରେ ଜଣେ ପୂର୍ଣ୍ଣାଙ୍ଗ ବ୍ୟକ୍ତି କେହି ହୋଇନପାରେ? ଏହି ପଦ୍ଧତିରେ ଏହି ନମ୍ବର ପାଇଁ ସର୍ତ୍ତାବଳୀ ଲାଗୁ ଧାରାରେ କିଛି ସଂସ୍କାର ନକରି କେବଳ କ୍ୟାସଲେସ ଟ୍ରାଞ୍ଜାକ୍ସନ ଧାରା ଯୋଡ଼ିଲେ କେତେ ଖଣ୍ଟଗିରି ଖୋଲିବା ଆରମ୍ଭ ହୋଇଯିବ। ଦସ୍ତଖତ ବିହୀନ ଦଲିଲ କାଏମ କରି ଅବଶ୍ୟ ବିଶେଷ ସଂସ୍କାର ଆବଶ୍ୟକ ପଡୁଛି। ପୂର୍ବେ ଦସ୍ତଖତ କରି ବା ଟିପ ଚିହ୍ନ ଦେଇ ସାକ୍ଷୀ ରଖି ବା କଲମ କରି ଟଙ୍କା ନେଉଥିଲେ। ଏବେ ଏ ଧାରା ବିଲୁପ୍ତ କରାଯାଇ କେବେ ଠିକ୍ କରାଯାଇନାହିଁ। ପୂର୍ବରୁ ଟିପ ଚିହ୍ନ ଏକବେଳର ଗ୍ରହଣୀୟ ନଥିଲା। ଦସ୍ତଖତ ମଧ୍ୟ ଏକ ବୟସର ସବୁବେଳରେ କେବେ ଏକାପରି ରହିନପାରେ। ଏବେ ବ୍ୟାଙ୍କରେ କେୱାଇସି ଫର୍ମ ଦାଖଲ ପେନସନଧାରୀଙ୍କର ଟ୍ରେଜେରୀ ବ୍ୟାଙ୍କରେ କିଛି ମାସପରେ ମୁହଁ ଦେଖା ନହେଲେ ଟଙ୍କା ଉଠାଇହେବା ସମ୍ଭବ ହେଉନାହିଁ। ଏହା ଠିକ ରେଭେନ୍ୟୁ ଷ୍ଟାମ୍ପରେ ଟଙ୍କା ଉଠା ସମ୍ବନ୍ଧ ପୂର୍ବେ ଥିଲା। ଏପରି ଯେ ଟଙ୍କା ଉଠାଇବ ସେ ସରକାରୀ ନଥିର ଏକ ପଞ୍ଜିକରଣ ସଂସ୍ଥା ବା ବ୍ୟକ୍ତି ହେବା ପାଇଁ କିଛି ଧାରା ଲଗାଯିବା ଜରୁରୀବୋଧ ହେଉଛି। ବୟସ ବଢ଼ିଲେ ଆଙ୍ଗୁଠି ପ୍ରସାରିତ ରେଖାଗୁଡ଼ିକ ପ୍ରସାରିତ ପୁଣି ନିତ୍ୟ କାର୍ଯ୍ୟକ୍ରମ ଘୋରି ହୋଇପାରେ। ଏ ପାଇଁ କିଛି ଗଣକ ଯନ୍ତ୍ର ବ୍ୟକ୍ତିର ସଠିକ ରେଖା ସଂଶ୍ଳିଷ୍ଟ କି ନାହିଁ ଜାଣିବା ପାଇଁ ଖର୍ଚ୍ଚାନ୍ତ ଦିଗ ଏବେ ବି ରହିଛି। ବାରକୋର୍ଡ଼ ପଦ୍ଧତିକୁ ସ୍ଥିର ଆଙ୍ଗୁଠି ଛପା ପାଇଁ ଯେଉଁ ସମୟରେ କରାଯାଇଛି ତାହା ପର ସମୟକୁ ଠିକ ସାଦୃଶ୍ୟ ରହିଛି ହେଲେ ତହିଁରେ ବ୍ୟତିକ୍ରମ ଯେ ତତ୍‌କାଳ ହୋଇଯାଇପାରେ ଏ ପାଇଁ ଭିନ୍ନ ଆଙ୍ଗୁଠିର ଛାପ ସଂଶ୍ଳିଷ୍ଟ କରାଯାଇଛି। ଏକ ଦଳ ଆଙ୍ଗୁଠି ଛାପରେ କି କୌଶଳର ସାହାଯ୍ୟ ନେଲେ ଠକେଇ ହୋଇପାରେ, ଏହା ଜ୍ଞାନୀମାନେ ବାହାର କରିବା ଦରକାର। ଏକ ସଙ୍ଗରେ ବହୁ ପ୍ରଗତି କାର୍ଯ୍ୟ ଚାଲିଛି। ଏ ବିଷୟରେ ବିଚାରକମାନେ ଧ୍ୟାନ ଦେଇ ଧନଜୀବନ ସମାଜ ଧର୍ମ ପ୍ରକୃତି ରକ୍ଷା ଚିନ୍ତା କରନ୍ତୁ। ନିଜର ଭବିଷ୍ୟତ ବଂଶଧରଙ୍କୁ ନିଶ୍ଚିନ୍ତ ଚିନ୍ତା କରିବା ଦିଗକୁ ବଢ଼ନ୍ତୁ ନାହିଁ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଆର୍ଯ୍ୟ ସଂସ୍କୃତିରେ ଶୀତଳଷଷ୍ଠୀ ଓ ଶିବ ବିବାହର ପରମ୍ପରା

ଉମାଶଙ୍କର ପ୍ରସାଦ



ଶକ୍ତି ବିନା 'ଶିବ', 'ଶବ' ତୁଲ୍ୟ। ଆମ ଆର୍ଯ୍ୟ ସଂସ୍କୃତିରେ ସୃଷ୍ଟିର ମୂଳ ପ୍ରକୃତିକୁ 'ଶକ୍ତି' ଓ 'ଶିବ'ଙ୍କୁ ତାଙ୍କର ଅପରିବର୍ତ୍ତନୀୟ ସତ୍ତାରୂପେ ପରିକଳ୍ପନା କରାଯାଇଛି । ଶିବ ଓ ଶକ୍ତିର ଐକ୍ୟ ବା ଚିରନ୍ତନ ମିଳନରେ ସୃଷ୍ଟି କ୍ରିୟା ସମ୍ଭବ ହୋଇଥାଏ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପୁରାଣ ଓ ଶିବପୁରାଣରେ ଶିବ ବିବାହର ତାତ୍ତ୍ୱିକ ବିଶ୍ଳେଷଣ ବର୍ଣ୍ଣନା କରାଯାଇଛି ।

ମହାକବି କାଳିଦାସ ତାଙ୍କ ରଚିତ 'ମେଘଦୂତ' କାବ୍ୟରେ ସୁଷୁମ୍ନା ନାଡ଼ିକୁ ପାର୍ବତୀ ରୂପେ ଓ ମେରୁଦଣ୍ଡକୁ ହିମବାନ ରୂପେ ବର୍ଣ୍ଣନ କରିଥିଲେ । ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ମେରୁଦଣ୍ଡର ମୂଳରେ ଏକ ତ୍ରିକୋଣ ଶକ୍ତି ପୀଠରେ ସ୍ୱୟଂଭୂ ସଦାଶିବ ବିରାଜିତ ଅଛନ୍ତି । ଏହି ମେରୁଦଣ୍ଡ ଶକ୍ତି, ସିଦ୍ଧି ଓ ଚମତ୍କାରିତାର କେନ୍ଦ୍ରସ୍ଥଳ ରୂପେ ପରିଚିତ । ସୁଷୁମ୍ନା ନାଡ଼ିରୂପୀ ପାର୍ବତୀଙ୍କର ଶକ୍ତିପୀଠରେ ବିରାଜିତ ଶିବଙ୍କ ସହିତ ମିଳନ ଅର୍ଥାତ୍ ବିବାହ ଫଳରେ କୁଣ୍ଡଳିନୀ ଶକ୍ତି ଜାଗ୍ରତ



ହୋଇ ଶକ୍ତିମାନ କାର୍ତ୍ତିକେୟ ଆବିର୍ଭାବ ହୋଇ ସମସ୍ତ ପ୍ରବୃତ୍ତିରୂପୀ ତାରକାସୁରକୁ ନିପାତ କରିଥାନ୍ତି । ଏଣୁ କେଉଁ ଅନାଦି କାଳରୁ ଶିବଙ୍କୁ ଧର୍ମର ସ୍ୱରୂପରେ ଓ ପାର୍ବତୀଙ୍କୁ ଶକ୍ତିଙ୍କ ସ୍ୱରୂପରେ ଗ୍ରହଣ କରି ଏହି ଶିବ ବିବାହକୁ ଶିବଶକ୍ତିଙ୍କ ଆଧ୍ୟାତ୍ମିକ ମିଳନର ଉତ୍ସବ ରୂପେ ପରିକଳ୍ପନା କରାଯାଇଛି ।

କିମ୍ବଦନ୍ତୀ ଅନୁସାରେ ଜାଗର ଅମାବାସ୍ୟା ପରେ ଶିବ ଭୟଙ୍କର ରୂପ ଧାରଣ କରିଥାନ୍ତି । ଏବଂ ପାର୍ବତୀଙ୍କ ସହ ବିବାହ ପରେ ସେ ଶୀତଳତା ଅନୁଭବ କରିବା ସହ ଶାନ୍ତ ରୂପରେ ପ୍ରକାଶିତ ହୋଇଥାନ୍ତି । ଏବଂ ଶିବ ବିବାହର ପରବର୍ତ୍ତୀ ଦିବସଟି ଶୀତଳଷଷ୍ଠୀ ରୂପେ ପାଳିତ ହୋଇଥାଏ । ଅନ୍ୟ ଏକ ମତରେ ଦକ୍ଷଯଜ୍ଞରେ ସ୍ୱାମୀଙ୍କ ଅପମାନ ସହ୍ୟ ନକରିପାରି ପାର୍ବତୀ ଯଜ୍ଞାଗ୍ନିରେ ନିଜକୁ ସମର୍ପଣ କରିଥିଲେ । ଶିବ ସେଥିରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ବୀରଭଦ୍ରଙ୍କୁ ପ୍ରେରିତ କରି ଦକ୍ଷଙ୍କ ଶିର ଛେଦନ କରିବା ସହ ପାର୍ବତୀଙ୍କ ଦଗ୍ଧିଭୂତ ଶରୀରକୁ ନେଇ ଆସିବା ସମୟରେ ବିଷ୍ଣୁଙ୍କ ଚକ୍ରରେ ଶରୀରର ନଅଟି ଅଂଶ ଛେଦନ ହୋଇ ନଅଟି ପ୍ରମୁଖ ଶକ୍ତିପୀଠ ଗଢ଼ି ଉଠିଲା ଏବଂ ସେହିଦିନଠାରୁ ଶିବ ତପସ୍ୟାରେ ଲୀନ ଥିଲେ । ତାରକାସୁରର ଅତ୍ୟାଚରରୁ ଦେବତାମାନେ ରକ୍ଷାପାଇବା ପାଇଁ ହିମାଚଳଙ୍କ ଗୃହରେ ଜନ୍ମ ଲଭିଥିବା ପାର୍ବତୀରୂପୀ ଉମାଙ୍କ ସଂଗରେ ଶିବଙ୍କର ପୁନର୍ବାର ବିବାହ ରଚନା କରିବା ପାଇଁ ପ୍ରୟାସ କରିଥିଲେ । କାରଣ ବ୍ରହ୍ମାଙ୍କ ବରଦାନ ଅନୁସାରେ ତାରକାସୁରର ମୃତ୍ୟୁ କେବଳ ଶିବଙ୍କ ପୁତ୍ର ହାତରେ ସମ୍ଭବ ଥିବା ଜାଣି ଦେବତାମାନେ ଶିବଙ୍କୁ ତପସ୍ୟାରୁ ଜାଗ୍ରତ କରାଇ ଶିବଶକ୍ତିଙ୍କର ମିଳନ କରାଇଥିଲେ । ସେହିଦିନଠାରୁ ପୃଥିବୀ ବକ୍ଷରେ ଉତ୍ତପ୍ତ ନିଦାଘର ଜ୍ୱାଳାରୁ ପ୍ରାଣୀଜଗତ ରକ୍ଷାପାଇବା ପାଇଁ ସଦାଶିବଙ୍କୁ ବିନତୀ କରିବାରୁ ଶିବଶକ୍ତିଙ୍କର ମିଳନ ପରେ ଅର୍ଥାତ ପୃଥିବୀ ବକ୍ଷରେ ସମସ୍ତ ପ୍ରାଣୀ ଶୀତଳତା ଅନୁଭବ କରିଥିଲେ ଏବଂ ମୌସୁମୀ ବାୟୁ ପ୍ରବାହିତ ହୋଇଥିଲା । ଫଳରେ ସେହି ଦିନଟିକୁ ଶୀତଳଷଷ୍ଠୀ ରୂପେ ଅବିହିତ କରାଗଲା ।ଓଡ଼ିଶାରେ ଏହି ଶୀତଳଷଷ୍ଠୀକୁ ଆରଣ୍ୟକ ଷଷ୍ଠୀ ଓ ସ୍କନ୍ଦ ଷଷ୍ଠୀ ରୂପେ ବର୍ଣ୍ଣନା କରାଯାଇଛି । କାରଣ, ଶୀତଳଷଷ୍ଠୀ ପରେ ପରେ ସ୍କନ୍ଦ ଜନ୍ମ ସମ୍ଭବ ହୋଇଥିଲା। ଏହି ଆରଣ୍ୟକ ବ୍ରତ ପାଳନ କରି ଫଳାହାର ପୂର୍ବକ ଷଷ୍ଠୀ ଦିନ ଶିବଶକ୍ତି ଉପାସନା କରୁଥିବା ନାରୀମାନେ ଉତ୍ତମ ଗୁଣଯୁକ୍ତ ସନ୍ତାନ ଲାଭ କରିଥାନ୍ତି । ଯାହାର ପ୍ରମାଣ 'କାଳସାର' ଗ୍ରନ୍ଥରେ ନିମ୍ନୋକ୍ତ ପ୍ରକାରେ ଉଲ୍ଲେଖ କରାଯାଇଛି ।

***"ଜ୍ୟେଷ୍ଠ ମାସି ସିତେ ପକ୍ଷେ ଷଷ୍ଠ୍ୟା ମାରଣ୍ୟେକ ବ୍ରତେ/ଯେ ବିନ୍ଧ୍ୟ ବାସିନୀ ଦେବୀଂ ପୂଜୟେ ଯର୍ବନେଗତା, ତେ ଫଳମୂଳାହାର ଲଭନ୍ତେ ସନ୍ତତି ହିତାଃ ॥"***

ଓଡ଼ିଶାରେ ଚତୁର୍ଥ ଶତାବ୍ଦୀରେ ଶୈବଧର୍ମର ଅଭ୍ୟୁଦୟ ହୋଇଥିଲା, ଯାହାର ପ୍ରମାଣ କେନ୍ଦୁଝରର ଆସନପାଟି ଶିଳାଲେଖରୁ ମିଳେ । ମାତ୍ର ପ୍ରାୟ ପଞ୍ଚମ ଶତାବ୍ଦୀ ବେଳକୁ ଶୈବ ସିଦ୍ଧାନ୍ତ ମତରେ ଶିବଙ୍କୁ ଏକ ବ୍ୟକ୍ତିଗତ ଦେବତା ରୂପେ ଗଣନା କରାଯାଇଥିଲା । ଏହାଫଳରେ ପ୍ରାୟ ସପ୍ତମ ଶତାବ୍ଦୀରେ ଶୈଳୋଦ୍ଭବ ରାଜବଂଶର ଶାସନ ସମୟରେ ପର୍ଶୁରାମେଶ୍ୱର ମନ୍ଦିରର ଜଗମୋହନର ଅଗ୍ରଭାଗରେ ସର୍ବପ୍ରଥମେ ଶିବପାର୍ବତୀଙ୍କ ବିବାହ ଦୃଶ୍ୟ ଖୋଦିତ ହୋଇଥିଲା। ଅନ୍ୟ ଏକ ମତରେ ସନାତନ ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କୁ ଭୈରବ ଓ ବିମଳାଙ୍କୁ ଭୈରବୀ ରୂପେ ପରିଚିତ କରାଯାଇଥିଲା । ବିଶ୍ୱପ୍ରସିଦ୍ଧ ଲିଙ୍ଗରାଜ ସର୍ବପ୍ରଥମେ ସପ୍ତମ ଶତାବ୍ଦୀରେ ଗୌଡ଼ର ରାଜା ଶଶାଙ୍କ ଦ୍ୱାରା ତ୍ରିଭୁବନେଶ୍ୱର ରୂପେ ପ୍ରତିଷ୍ଠିତ ହୋଇ ଏକାମ୍ରର ସ୍ୱୟମ୍ଭୁ ଲିଙ୍ଗରୂପେ ଆବିର୍ଭୁତ ଏହି ଲିଙ୍ଗକୁ ଶଶାଙ୍କ ତ୍ରିଭୁବନେଶ୍ୱର ରୂପେ ପ୍ରତିଷ୍ଠା କରିଥିଲେ ।

**ଲିଙ୍ଗରାଜଙ୍କ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା:** ପ୍ରାୟ ଦ୍ୱାଦଶି ପରଠାରୁ ଲିଙ୍ଗରାଜଙ୍କର ଚତୁର୍ଦ୍ଦଶ ମୁଖ୍ୟ ଗଣଯାତ୍ରା ରୂପେ ପାଳନ କରାଯାଇଥାଏ । ସମସ୍ତ ବ୍ରାହ୍ମଣ ପରିବାର ପକ୍ଷରୁ ଦ୍ୱାରି ଭୋଗ ସମର୍ପଣ ହେବା ସହ ଚୁଡ଼ାଘଷା, ଖିରି, କଦଳୀ, ଆମ୍ବ ପ୍ରଭୃତି ସୁମିଷ୍ଟ ପ୍ରସାଦ ଭୋଗ କରାଯାଏ । ଶୋଭାଯାତ୍ରାରେ ବ୍ରାହ୍ମଣ ପରିବାର ତରଫରୁ ଅନେକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଆତଶବାଜୀ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଏ । ବାଣଯାତ୍ରା ବାସ୍ତବରେ ଶୀତଳଷଷ୍ଠୀର ମୁଖ୍ୟ ଆକର୍ଷଣ



ଯାତ୍ରା ଛଡ଼ା ଆଉ ଆଠଟି ଉପଯାତ୍ରା ମଧ୍ୟରୁ ଶିବ ବିବାହ ଓ ଶିତଳଷଷ୍ଠୀ ଏକ ଉପଯାତ୍ରା ରୂପେ ପାଳିତ ହୋଇଥିଲା । ଏହି ଶିବ ବିବାହ ଅବସରରେ ଲିଙ୍ଗରାଜଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ପାର୍ବତୀଙ୍କର ଚଳନ୍ତି ପ୍ରତିମା ଆସି ମହାସମାରୋହରେ କେଦାରଗୌରୀ ମନ୍ଦିରରେ ପାରମ୍ପରିକ ରୀତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ । କ୍ଷେତ୍ରବାସୀ ବ୍ରାହ୍ମଣମାନଙ୍କ ଦ୍ୱାରା ଏହି ଦେବବିବାହ ସମ୍ପୂର୍ଣ୍ଣ ହୋଇଥାଏ । ବିଭିନ୍ନ ଆତସବାଜୀ ପ୍ରଦର୍ଶନ କରାଯାଏ ଓ ଦେବାଦେବୀଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ପନ୍ତିଭୋଗ ସମର୍ପଣ କରାଯାଏ । ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ମଧ୍ୟ ସ୍ୱତ୍ତ୍ୱଲିପି ଅନୁଯାୟୀ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଷଷ୍ଠୀ ଦିନ ପାଳିତ ହୁଏ । ଶିବ ବିବାହ ଓ ଶୀତଳଷଷ୍ଠୀର ମହନୀୟ ପରମ୍ପରାର ପୃଷ୍ଠଭୂମିରେ ଓଡ଼ିଶାର ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ବ୍ରାହ୍ମଣ ଶାସନରେ ପ୍ରାୟ ଷୋଳଶ ଶତାବ୍ଦୀ ପ୍ରାରମ୍ଭରୁ ଶିବ ବିବାହ ଅନୁଷ୍ଠିତ ହୋଇଆସୁଛି । ରାମଚନ୍ଦ୍ରଦେବ (୧)ଙ୍କ ଦ୍ୱାରା ପ୍ରବର୍ତ୍ତିତ ୧୬ ଶାସନ ପରମ୍ପରାରେ ସ୍ମାର୍ତ୍ତ ମତ୍ତ ଓ ସନାତନ ସଂସ୍କୃତିର ପ୍ରଚାର ହେଉଥିଲା । ଏହି ଗ୍ରାମଗୁଡ଼ିକର ବୈଶିଷ୍ଟ୍ୟ ଏପରି ଥିଲା ଯେ, ଗ୍ରାମର ଆଦ୍ୟରେ ଶିବମନ୍ଦିର ଓ ପ୍ରାନ୍ତରେ ବିଷ୍ଣୁମନ୍ଦିର ରହିବା ସହ ଗ୍ରାମଦେବୀ ରୂପେ ଦୁର୍ଗାଙ୍କୁ ସ୍ୱୀକାର କରାଯାଏ । ଏହି ଶୀତଳଷଷ୍ଠୀ ପର୍ବଟି ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ଏକ ବିଶିଷ୍ଟ ରୂପେ ଗୃହୀତ । ବାସ୍ତବରେ ଏହି ଶୀତଳଷଷ୍ଠୀ ପର୍ବ ମାଧ୍ୟମରେ ଶାସନଗୁଡ଼ିକରେ ଗୋଷ୍ଠୀଗତ ଐକ୍ୟ ଓ ସାମାଜିକ ସଂହତି ପ୍ରତିଷ୍ଠିତ ହୋଇଥାଏ ।

ସେହିପରି ସମ୍ବଲପୁରରେ ମଧ୍ୟ ଶୀତଳଷଷ୍ଠୀ ଚୌହାନ ରାଜବଂଶର ବୀର ବଳିୟାରସିଂହ ଯେତେବେଳେ ୧୮ଟି ଗଡ଼ ଜୟ କରି ପୁରୀ ରାଜାଙ୍କ ଦ୍ୱାରା 'ହୀରାଖଣ୍ଡ' ଛତ୍ରପତି ଉପାଧି ଲାଭ କରିଥିଲେ ଏବଂ ପୁରୀ ରାଜା ତାଙ୍କୁ ବୀର ପୁରୁଷୋତ୍ତମପୁର, ବୀରରାମଚନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର ଓ ଉଷୁନାବରପଦା ଇତ୍ୟାଦି ବ୍ରାହ୍ମଣ ଶାସନରୁ ୧୮ଟି ପରିବାର ସମ୍ବଲପୁର ନେବାକୁ ଅନୁମତି ପ୍ରଦାନ କରିଥିଲେ । ବର୍ତ୍ତମାନ ସମ୍ବଲପୁରର ନନ୍ଦପଡ଼ାଠାରେ ଏମାନଙ୍କୁ ଅବସ୍ଥାପିତ କରାଯାଇଥିଲା ବୋଲି ନନ୍ଦପଡ଼ାର ଶ୍ରୀ ବାଲୁଙ୍କେଶ୍ୱର ମହାଦେବ, ଝାଡୁଆପଡ଼ାର ଲୋକନାଥ ବାବା ଓ ମୁଦିପଡ଼ାର ଶ୍ରୀ ଜାଗେଶ୍ୱରଙ୍କର ଶୀତଳଷଷ୍ଠୀ ଯାତ୍ରା ସମ୍ବଲପୁରରେ ଏକ ଗଣପର୍ବରେ ପରିଣତ ହେବା ସହ ଏହି ଶିବ ବିବାହ ମାନବ ଧର୍ମର ପ୍ରତୀକାତ୍ମକ ମହାନ ପର୍ବରୂପେ ପାଳିତ ହୋଇଥାଏ। ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଶିବ ବିବାହ ପର୍ବ ଏକ ସାମାଜିକ ଐକ୍ୟ ଓ ସଂହତି ପ୍ରତିଷ୍ଠାକାରୀ ଗଣଯାତ୍ରା ରୂପେ ପାଳିତ ହୋଇଆସୁଛି ।

*-ସମ୍ପାଦକ, ମାର୍ଗଦର୍ଶୀ, E-mail: umaprasad1955@gmail.com*

# ଶିବ ବିବାହ : ଶୀତଳଷଷ୍ଠୀ



ବ୍ରହ୍ମା ସଚରାଚର ପୃଥ୍ୱୀର ସବୁକିଛି ସୃଷ୍ଟି କଲେ। ତହିଁପରେ ଭଗବତୀ ଦେବୀ ପ୍ରକୃତି ନିଜ ଅଂଶରୁ ସାବିତ୍ରୀଙ୍କୁ ସୃଷ୍ଟି କରି ବ୍ରହ୍ମାଙ୍କୁ ତାଙ୍କ ପତ୍ନୀ ରୂପେ ପ୍ରଦାନ କଲେ। ସେହିପରି ନିଜ ଅଂଶରୁ ସରସ୍ୱତୀ ଓ ଲକ୍ଷ୍ମୀଙ୍କୁ ସୃଷ୍ଟି କରି ସେମାନଙ୍କୁ ବିଷ୍ଣୁଙ୍କର ଦୁଇପତ୍ନୀ କରାଇଲେ। ଏମିତି ସେମାନଙ୍କୁ ସଂସାରୀ କରାଇଦେଲେ। ହେଲେ ଶିବ ଏ ପ୍ରକୃତିଙ୍କୁ ଅଂଶ ବିଶେଷ ଭାବେ ଆଶା ନକରି ତାଙ୍କୁ ପୂର୍ଣ୍ଣମାତ୍ରାରେ ପାଇବାର ଲାଳସା ରଖି ତପସ୍ୟା କଲେ ଏବଂ ଯୋଗୀଶ୍ୱର ପାଲଟିଗଲେ। ଏଥିରେ ସନ୍ତୁଷ୍ଟ ହୋଇ ପ୍ରକୃତି ତାଙ୍କୁ ପଚାରିଲେ "ଶମ୍ଭୁ, ମୁଁ ତୁମ



ତପସ୍ୟାରେ ତୁଷ୍ଟ। ତୁମର ମୋଠି କି ଅଭିଳାଷ ଅଛି, ତୁମ ଏବେ ମାଗି ନେଇପାର ।" ଶିବ କହିଲେ, "ମୁଁ ଆପଣଙ୍କ ଅଂଶରୁ ଜାତ ସାବିତ୍ରୀ, ସରସ୍ୱତୀ କି ଲକ୍ଷ୍ମୀଙ୍କ ପରି ଦେବୀ ଚାହେଁ ନାହିଁ। ମୁଁ ଆପଣଙ୍କୁ ପରମାପୂର୍ଣ୍ଣା ପ୍ରକୃତି ରୂପେ ମୋର କୋଉ ଜନ୍ମରେ କୋଉଠି ହେଲେ ପତ୍ନୀ ଭାବେ ପାଇବାକୁ ଚାହେଁ।

***"କିନ୍ତୁ ମାଂ ପରମା ପୂର୍ଣ୍ଣା ପ୍ରକୃତିଃ ସୂୟମେବହି ତ୍ୱମେହି ଜନ୍ମ ସଂପ୍ରାପ୍ତ କୁତ୍ର ଚିନ୍ତଜ ଲୀଳୟା ।"***

ଏଥିକୁ ପ୍ରକୃତି କହିଲେ, "ମୁଁ ମୋ ମାୟାରେ ଦକ୍ଷ ପ୍ରଜାପତିଙ୍କର ପରମା ସୁନ୍ଦରୀ କନ୍ୟା ରୂପେ ଜନ୍ମ ନେଇ ତୁମର ଭାର୍ଯ୍ୟା ହେବି। ତେବେ ଯେବେ ଦକ୍ଷଙ୍କର ପୂଣ୍ୟ କ୍ଷମତା କ୍ଷୀଣ ହେବ ଏବଂ ଆପଣଙ୍କର ମୋ ଦେହାଭିମାନ ପ୍ରତି ବିପରୀତ ବିଲକ୍ଷଣ ଦେଖାଯିବ, ସେତେବେଳେ ମୁଁ ମୋ ମାୟାରୁ ମୁକ୍ତି ନେଇ ମୋ ନିଜ ଆସ୍ଥାନକୁ ଫେରିଯିବି। ଏହାଦ୍ୱାରା ଆପଣଙ୍କ ଠାରୁ ମୋ ରବିୟୋଗ ଘଟିବ ଅଥଚ ଆପଣ ମୋତେ ଛାଡ଼ି କୋଉଠି ହେଲେ ରହିପାରିବେ ନାହିଁ । ଏହି ପ୍ରକାର ଆମ ଦୁହିଁଙ୍କ ମଧ୍ୟରେ ପରମ ପ୍ରୀତି ରହିଥିବ। ଅର୍ଥାତ୍ ଜନ୍ମଜନ୍ମାନ୍ତର ମୁଁ ଆପଣଙ୍କର ସାଥୀ ହୋଇଥିବି।

"ପୂର୍ଣ୍ଣା ପ୍ରକୃତିରେ ଆହଂ ତବ ଗୋହିନୀ ।
ଶମ୍ଭୂୟ ମାୟୟା ଚାରୁଦେଶଦକ୍ଷ ପ୍ରଜାପତେଃ ॥
ଯଦ୍ୟ ଦେହାଭିମାନେନ ଭବିଷ୍ୟତିମୟିତ୍ୱୟି ।
ଅନାଦର ସୁଦକ୍ଷସ୍ୟ ତଦାଂ ଶୋନ ବିମୋହତ୍ୱ ତମ୍ ॥
ମୟମୈବଂ ଗମିଷ୍ୟାମି ଭୂୟଃ ସ୍ୱସ୍ଥାନାମୁରମମ୍ ।
ତଦା ତ୍ୱୟା ମେବିଚ୍ଛେବୋ ଭବିଷ୍ୟତି ମହେଶ୍ୱର ॥
ତଦା ତ୍ୱମପି କୁତ୍ରାପି ନୈବ ସ୍ଥାସ୍ୟାମି ମାଂ ବିନା ।
ଏବଂହି ପରମା ପ୍ରୀତିର ବୟୋଃ ସାମ୍ଭବିଷ୍ୟତି ॥"

ସେହିପରି ଦକ୍ଷ ପ୍ରଜାପତି ତାଙ୍କୁ କନ୍ୟା ରୂପେ ପାଇବାରେ କଠୋର ତପସ୍ୟା କରିଥିବାରୁ ସେ ତାଙ୍କ ପ୍ରତି ସନ୍ତୁଷ୍ଟ ହୋଇ କହିଥିଲେ ଯେ ତାଙ୍କୁ ପତ୍ନୀ ରୂପେ ପାଇବାରେ ପୂର୍ବେ ଶମ୍ଭୁ ତାଙ୍କୁ ପ୍ରାର୍ଥନା କରିଥିଲେ ଏବଂ ତାଙ୍କୁ ଦକ୍ଷଙ୍କର ପୁତ୍ରୀ ରୂପେ ଜନ୍ମ ନେଲା ପରେ ତାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସେ ତାଙ୍କ ପୁତ୍ରୀ ହୋଇ ଜନ୍ମ ନେବେ ସତ, ମାତ୍ର ଯେଉଁଦିନ ତାଙ୍କର ପୁଣ୍ୟ କ୍ଷୀଣ ହେବ ସେ ସେତେବେଳେ ତାଙ୍କୁ ତ୍ୟାଗ କରିବେ । ତାଙ୍କର ହୋଇପାରିବେ ନାହିଁ; ପୁନଶ୍ଚ ତାଙ୍କ ଆସ୍ଥାନକୁ ଫେରିଯିବେ ।

"ଯାବତଂ ତପସଃ ପୁଣ୍ୟଂ କ୍ଷୀଣତ୍ୱଂ ନାମ୍ଭୁପୈତିବୈ;
କ୍ଷୀଣତୁ ତପସଃ ପୁଣ୍ୟେ ମୟି ମଦୋଦରୋ ଭବାନି ॥
ଭବିଷ୍ୟତି ତଦୈ ଅହଂ ପୁନରେ ତାଦୃଶ୍ୟଂ ତନୁମ୍
ଧୃତ୍ୱା ତବ ପୁର ଗତ୍ୱା ଗମିଷ୍ୟେ ସ୍ୱୀୟମାଳମ୍ ॥"

ବଚନବଦ୍ଧତା କାରଣରୁ ଦେବୀ ପ୍ରକୃତି ଦକ୍ଷଙ୍କ ପତ୍ନୀ ପ୍ରସୂତିଙ୍କ ଔରସରୁ ପରମପୂର୍ଣ୍ଣ ପ୍ରକୃତି ନେଇ ଜନ୍ମ ହେଲେ ଏବଂ ଜନ୍ମର ଦଶଦିନ ଠାରୁ ତାଙ୍କ ନାମ ଶ୍ରଦ୍ଧାରେ ରଖାଗଲା ସତୀ। ବର୍ଦ୍ଧିଷ୍ଣୁ ବୃକ୍ଷ ଅଥବା ବର୍ଷାଦିନିଆ ନଦୀଟିଏ ପରି ସତୀ ବଢ଼ିବାକୁ ଲାଗିଲେ। ସତୀଙ୍କ ପାଇଁ ସ୍ୱୟଂବର ବ୍ୟବସ୍ଥା ହେଲା। ଦକ୍ଷଙ୍କର ଇଚ୍ଛାଥାଏ ଯେ ତାଙ୍କ ପୁତ୍ରୀ ବ୍ରହ୍ମା ବା ବିଷ୍ଣୁଙ୍କ ପତ୍ନୀ ହୁଅନ୍ତୁ। କିନ୍ତୁ ପ୍ରତିଶ୍ରୁତି ଅନୁଯାୟୀ ସତୀଙ୍କୁ ଶିବ ପ୍ରାପ୍ତି ହେବେ। ଶିବଙ୍କୁ ଦକ୍ଷ ଶ୍ମଶାନବାସୀ ବୋଲି ଘୃଣା କରୁଥିଲେ। ତେବେ କୌଣସିମତେ ଶିବଙ୍କ ସହିତ ସତୀଙ୍କର ବିବାହ ହେଲା ଏବଂ ଶିବ ତାଙ୍କୁ ଧରି କୈଳାସ ଚାଲିଲେ ଏବଂ ସେଠାରେ ସମସ୍ତ ଦେବାଦେବୀ, ନରକିନ୍ନର ଇତ୍ୟାଦିଙ୍କ ଉପସ୍ଥିତିରେ ଯଥାରୀତି ବିବାହ ହେଲା। ଏହା ଥିଲା ପ୍ରକୃତିଙ୍କ ସହିତ ଶିବଙ୍କର ପ୍ରଥମ ବିବାହ।

ହିମାଳୟ ବାସ କାଳରେ ଗିରିରାଜଙ୍କ ପତ୍ନୀ ମେନା ସତୀଙ୍କ ରୂପ, ଗୁଣ ଓ ମାଧୁର୍ଯ୍ୟରେ ପ୍ରୀତ ହୋଇ ତାଙ୍କୁ ପୁତ୍ରୀ ରୂପେ ପାଇବାକୁ ପ୍ରାର୍ଥନା କଲେ ଏବଂ ଏହାକୁ ତଥାସ୍ତୁ କଲେ ମା' ଜଗଦମ୍ବା ଭଗବତୀ ସତୀ। ଏହା ଶକ୍ତିଙ୍କ ସହିତ ଶିବଙ୍କର ବାରମ୍ବାର ବିଚ୍ଛେଦକୁ ସୂଚୀତ କରାଏ। ପ୍ରଜାପତି ଦକ୍ଷଙ୍କ ଇଚ୍ଛା ବିରୁଦ୍ଧରେ ସତୀ ଶିବଙ୍କୁ ବିବାହ କରିଥିବାରୁ ସେ ଉଭୟ ଥିଲେ ଦକ୍ଷଙ୍କ ଈର୍ଷା, ଦ୍ୱେଷ ଓ ଘୃଣାର ପାତ୍ର। ସେ ସଦାବେଳେ ଶିବ ନିନ୍ଦାରେ ବ୍ୟସ୍ତ ରହିଲେ ଏବଂ ଶିବଙ୍କୁ ଅପମାନିତ କରିବା ନିମନ୍ତେ ଏକ ଦକ୍ଷଯଜ୍ଞର ଆୟୋଜନ କଲେ ଏବଂ ଶିବ ଓ ସତୀଙ୍କ ବ୍ୟତୀତ ଅନ୍ୟ ତ୍ରିପୁରବାସୀଙ୍କୁ ନିମନ୍ତ୍ରଣ କଲେ। ଯଜ୍ଞ ରକ୍ଷକ ଥିଲେ ବିଷ୍ଣୁ। ତଥାପି ପିତାଙ୍କ ଯଜ୍ଞରେ ଉପସ୍ଥିତ ରହିବାକୁ ସତୀ ଶିବଙ୍କୁ ବାଧ୍ୟ କଲେ। ମାତ୍ର ଶିବ ଏଥିକୁ ସମ୍ମତି ଦେଲେ ନାହିଁ । ଶେଷରେ ପତିଙ୍କ କଥାକୁ ଅବଜ୍ଞା କରି ସତୀ ପିତାଙ୍କ ଯଜ୍ଞକୁ ଗଲେ ଏବଂ ସେଠାରେ ପତିଙ୍କୁ ଦିଆଯାଉଥିବା ଅପମାନ ସହ୍ୟ ନକରି ଦକ୍ଷଙ୍କ ଯଜ୍ଞକୁଣ୍ଡରେ ଆହୂତି ଦେଲେ। ଏକଥା ଶିବ ଜାଣିପାରି ସତୀଙ୍କ ଶବକୁ ଯଜ୍ଞକୁଣ୍ଡରୁ ଉଦ୍ଧାର କରି ନିଜ କାନ୍ଧରେ ପକାଇ ଶିବ ତାଣ୍ଡବ ଆରମ୍ଭ କରିଦେଲେ। ଯାହା ଜଣାଗଲା ସୃଷ୍ଟି ପ୍ରଳୟ ହୋଇଯିବ। ଏଣୁ ବିଷ୍ଣୁ ସୁଦର୍ଶନ ଚକ୍ରକୁ ପଠାଇ ସତୀଙ୍କ ଶବକୁ ବାରମ୍ବାର ଛେଦନ କରି ୫୧ ଖଣ୍ଡ କଲେ। ଏହା ତତ୍‌କାଳୀନ ଭାରତ ଭୂଖଣ୍ଡରେ ଏକାବନ ସ୍ଥାନରେ ପଡ଼ିଲା। ପରବର୍ତ୍ତୀ ସମୟରେ ଏଗୁଡ଼ିକ ହେଲେ ଶକ୍ତିପୀଠ।

ସତୀଙ୍କୁ ହରାଇ ଶିବ କୈଳାସ ଚାଲିଗଲେ ଏବଂ ସତୀଙ୍କ ଦୁଃଖରେ ତପାଶ୍ଚରଣ କଲେ। ଏପଟେ ସତୀ ପାର୍ବତୀ ରୂପେ ଗିରିରାଜଙ୍କ ପତ୍ନୀ ମେନାଙ୍କ ଔରସରୁ ଜାତ ହେଲେ । ଶିବ ଓ ଶକ୍ତି ଏକ ଏବଂ ଅଭିନ୍ନ। ସେହି ହିଁ ସତ୍ୟ, ଶିବ ଓ ସୁନ୍ଦରର ଆଧାର। ସୃଷ୍ଟି, ବିକାଶ ଓ ପ୍ରଳୟର କେନ୍ଦୁବିନ୍ଦୁ। ପୂର୍ବାଲୋଚନାରୁ ଜଣାପଡ଼େ ଯେ ଶକ୍ତି (ସତୀ) ବା ଆଦ୍ୟାଶକ୍ତି ଭିନ୍ନ ଭିନ୍ନ ସମୟରେ ଶିବଙ୍କର ପତ୍ନୀ ରୂପେ ଭିନ୍ନ ନାମେ ଆବିର୍ଭୂତା ହୋଇଥିଲେ ହେଁ ସେ ଏକ ଏବଂ ଅଦ୍ୱିତୀୟ। ଏହି କାରଣରୁ ଏ ଦୁହିଁଙ୍କୁ ହିନ୍ଦୁଧର୍ମରେ ମଙ୍ଗଳମୟ ଓ ମଙ୍ଗଳମୟୀ ରୂପେ ପୂଜା କରାଯାଏ। ଶିବ ଓ ଶକ୍ତିଙ୍କ ବହୁକାଳ ଅନ୍ତର୍ଦ୍ଧାନ ପରେ ତାରକାସୁର ବ୍ରହ୍ମାଙ୍କଠାରୁ ବରପାଇ ନାନା ଉତ୍ପାତ କଲା। ଏଥିପାଇଁ ଦେବଗଣ ବ୍ରହ୍ମାଙ୍କୁ ଗୁହାରି କଲେ। ବ୍ରହ୍ମା କହିଲେ ଯେ ଯଦି ପାର୍ବତୀଙ୍କ ଔରସରୁ ପୁତ୍ରଟିଏ ଜନ୍ମ ହୁଏ, ସେ ତାରକାସୁରକୁ ବଧ କରିବ। ନୋହିଲେ କେହି ନୁହେଁ । ଏଣୁ ଦେବଗଣ ଶିବଙ୍କ ଦେହରେ କାମଶକ୍ତି ଜାଗ୍ରତ ପାଇଁ କାମଦେବଙ୍କୁ ପଠାଇଲେ। ସେ ଶିବଙ୍କ କୋପାନଳରେ ଭସ୍ମୀଭୂତ ହୋଇଗଲେ। ଏଥର ସେମାନେ ପାର୍ବତୀଙ୍କୁ ଅନୁରୋଧ କଲେ।

ଆଗରୁ ଜାଣିଛେ ଯେ ସତୀଙ୍କୁ ପାଇବା ପାଇଁ ଶିବଙ୍କୁ ତପସ୍ୟା କରିବାକୁ ପଡ଼ିଥିଲା। ଏବେ ସତୀ ବା ପାର୍ବତୀ ଶିବଙ୍କୁ ପାଇବା ପାଇ ତପସ୍ୟା ଆଚରିଲେ। ଏହା ଥିଲା ତାଙ୍କର ଦୃଢ଼ ଏବଂ କଠିନ ବ୍ରତ। ଏ ତପସ୍ୟାରେ ଶିବଙ୍କ ଆସନ ଥରହର କରିଦେଲା। ଶେଷରେ ଶିବ ପାର୍ବତୀଙ୍କୁ ଦର୍ଶନ ଦେଲେ ଏବଂ ତାଙ୍କୁ ପତ୍ନୀ ରୂପେ ସ୍ୱୀକାର କଲେ। ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଏ ବିବାହର ଗିରିରାଜ ହିମାଳୟଙ୍କ ଗୃହରେ ବୈଦିକ ରୀତିରେ ବ୍ରହ୍ମାଙ୍କ ମଧ୍ୟସ୍ଥତାରେ ଅବର୍ଣ୍ଣନୀୟ ମହାସମାରୋହରେ ସମାହିତ ହେଲା। ପରେ ଶିବ-ପାର୍ବତୀଙ୍କ କୃପାରୁ ଗଣେଶ ଜନ୍ମ ନେଲେ ଏବଂ ସେ ତାରକାସୁରକୁ ବଧ କଲେ।

ଏ ଭାରତ ଭୂଖଣ୍ଡରେ ଶିବ ବିବାହ ମହାସମାରୋହରେ ପାଳିତ ହୁଏ। ଓଡ଼ିଶାର ଉପକୂଳବର୍ତ୍ତୀ ଇଲାକାରେ ବିଶେଷ କରି ପୁରୀ ଜିଲ୍ଲାରେ ଶାସନୀ ବ୍ରାହ୍ମଣମାନଙ୍କ ଗାଁରେ ଏହା ଦିଅଁ ବାହା ଭାବେ ଏବଂ ପଶ୍ଚିମ ଓଡ଼ିଶା ବିଶେଷ କରି ସମ୍ବଲପୁର ଓ ବରଗଡ଼ରେ ଶୀତଳଷଷ୍ଠୀ ଯାତ୍ରା ରୂପେ ପାଳିତ ହୁଏ। ଏ ବିବାହରେ ଜଣେ ବ୍ରହ୍ମା ହୋଇ ମଧ୍ୟସ୍ଥି ରୁହନ୍ତି। ବୈଦିକମତେ ସବୁ କର୍ମ ଚାଲେ। ଜ୍ୟେଷ୍ଠ ପ୍ରତିପଦରେ ନିର୍ବନ୍ଧ କନ୍ୟାପିତାଙ୍କ ଘରେ ହୁଏ। ବିବାହର ଦିନ ପାର୍ବତୀଙ୍କୁ ବିମାନ ଯୋଗେ ବିବାହ ମଣ୍ଡପକୁ ଅଣାଯାଏ। ସେମିତି ସଂଧ୍ୟାକୁ ଶିବଙ୍କୁ ବରବେଶରେ ସଜାଇ ବୃଷଭ ବାହନ ମେଢ଼ରେ କନ୍ୟା ପିତାଙ୍କ ଗୃହକୁ ନାନା ବାଜା ଓ ରୋଶଣୀ ଓ ପଟୁଆର ମଧ୍ୟରେ ଅଣାଯାଏ। ଆମ ପ୍ରଚଳିତ ବିବାହର କର୍ମପରି ଗୋଟିଏ ପରେ ଗୋଟିଏ କର୍ମ ଚାଲେ। ବନ୍ଧୁ ବାନ୍ଧବ ବରଯାତ୍ରୀ ସମସ୍ତଙ୍କୁ ଯଥାବିଧି ସତ୍କାର କରାଯାଏ। ଶୀତଳ ଷଷ୍ଠୀ ଦିନ ବରକନ୍ୟାଙ୍କୁ ନାନା ଅଳଙ୍କାର ଓ ଉପହାର ସହ ସ୍ୱଗୃହ ବା ମନ୍ଦିରକୁ ବିଦାୟ କରାଯାଏ। ଶିବ-ପାର୍ବତୀଙ୍କ ବିବାହର ଯାତ୍ରା ପଟୁଆର ନିହାତି ଦର୍ଶନୀୟ ଏବଂ ଉପଭୋଗ୍ୟ। ଏଥିରେ ନାନା ବାଜା ସହ ପାରମ୍ପରିକ ଲୋକନୃତ୍ୟର ଛାପ ସହ ଆଧୁନିକତାର ସ୍ପର୍ଶ ମଧ୍ୟ ଅଛି। ଶିବ ବିବାହ ଓ ଶୀତଳଷଷ୍ଠୀ ଆମ ଧାର୍ମିକ ପରମ୍ପରାର ଏକ ମହାନ୍ ଗଣପର୍ବ। ଓଡ଼ିଶାରେ ଏହା ସବୁର ଊର୍ଦ୍ଧ୍ୱରେ ଉତ୍କଳୀୟ ଧର୍ମ ସଂସ୍କୃତିର ଏକ ଏକତାର ପ୍ରତୀକ।

**-ବିପିନବିହାରୀ ମହାନ୍ତି**
*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮*




# କାଳ ବୈଶାଖୀ

ପବିତ୍ର ମୋହନ ମହାରଣା

ଗ୍ରୀଷ୍ମ ର ଅସହ୍ୟ ତାପ ଯନ୍ତ୍ରଣା ପରେ ସେଦିନ ରାତିରେ କାହିଁ କେଉଁ କାଳ ରୁ ପ୍ରତିକ୍ଷୀତ ପାହାଡ଼ ପରି କଳା କଳା ମେଘ ଖଣ୍ଡ ଗୁଡା ଆକାଶ ବକ୍ଷ ରେ ଭାସି ଆସନ୍ତି ।ସଁ ସଁ ପବନ ସାଙ୍ଗକୁ ପ୍ରଚ଼ଣ୍ଡ ଘଡଘଡି ନାଦ । ମନେ ହେଉଥାଏ ଏହା ଦେବତା ଓ ଅସୁର ମାନଙ୍କ ମଧ୍ୟରେ ଯୁଦ୍ଧ ପ୍ରେରିତ ବାଣ ପ୍ରଚ଼ଣ୍ଡ ଶବ୍ଦ । ଆକାଶ ରେ କାୟା ବିସ୍ତାର କରି ଥାଏ ବିଜୁଳି କନ୍ୟା ର ପ୍ରକୋପ । ଠୋ ଠୋ କରି ଦିଗବଳୟ ଯାଏଁ ଲମ୍ବି ଯାଉଥାଏ ଝଲ ଝଲ ଆଲୁଅ । ସତେ ଯେପରି ସୃଷ୍ଟି ର ବିଲୟ ର ଏଇଠୁ ଅୟମାରମ୍ଭ । ବର୍ଷା କମିବା ର ନାଁ ନେଉ ନଥାଏ । ଭଙ୍ଗା କୁଡ଼ିଆ ଟି ଭିତରୁ ଏକ ବିବ୍ରତ ଚ଼ାହାଣି ରେ ସୁନନ୍ଦା କୁଡ଼ିଆ ବାହାର କୁ ଚ଼ାହିଁ ବସିଥାଏ । ବ୍ୟସ୍ତ ବିବ୍ରତ ର ପଟା ପଟା ଦାଗ ଚେହେରା ଉପରେ ସ୍ୱଷ୍ଟ ଦେଖା ଯାଉଥାଏ । କେତେବେଳେ ଏ ବର୍ଷା ଟା ଛାଡିବ କେଜାଣି ।ଘର ଭିତରେ ଆସି ପାଦେ ପାଦେ ପାଣି ହେଲାଣି । ଛପର ଟା କୋଉ ମୁହୂର୍ତ୍ତ ରେ ଉଡିଯିବ କିଛି ଭରସା ନାହିଁ । ରଝ ରଝ ପାଣି ଗଳି ଗଳି ଚୁଲି ରେ ପାଣି ପଶି ଆଣ୍ଠୁଏ ହେଲାଣି । ଗାଁ ସରପଞ୍ଚ କୁ ଅନେକ ଥର ଗୁହାରି କରିଛି ଇନ୍ଦିରା ଆବାସ ଟିଏ ପାଇଁ। ହେଲେ ଏ ବିଧବା ମାଇକିନା ଟା କଥା କିଏ ଶୁଣୁଛି । ଆଉ ମାସ ରେ ଯୋଉ ଟଙ୍କିକିଆ ଚ଼ାଉଳ ଟା ମିଳିଥିଲା ଗେରସ୍ତ ଯିବା ପରଠୁ କଷ୍ଟେ ମାଷ୍ଟେ ପନ୍ଦର ଦିନ ଗଲା ହେଲେ ଗାଁ ଲୋକ ତ ସେତକ ବି ଛଡେଇ ନେଲେ । ଏବେ ଯାହା ପାଖ ଗାଁ ରୁ ଭିକ ମାଗି ଆଣୁଥିବା ଚ଼ାଉଳ ଟିକକ ସାହା ଭରସା । ସକାଳ ପହରୁ ମେଘ ଟା ଲାଗି ରହିଛି ତେଣେ ହାଣ୍ଡି ରେ ଭାତ ମୁଠାଏ ନାହିଁ । ଏ ବର୍ଷା ରେ କୋଉଠୁ କଣ କରିବ. । ତେଣେ କୁନା ଟା ଭୋକ ରେ ଆଉଟୁ ପାଉଟୁ ହେଲାଣି । ଏମିତି ଭାବି ଭାରି କଷ୍ଟରେ ସୁନନ୍ଦା ବାରମ୍ବାର ମେଘ କୁ ଚ଼ାହୁଁଥାଏ । କେତେ ବୁଝେଇଲେ କୁନା ବୁଝୁନି । ନିଜେ ସିନା ଭୋକ ରେ ସୋଇପଡିଲେ ଚ଼ଳିବ ହେଲେ ତା ପାଇଁ ମୁଠେ ଭାତ ତ ଯୋଗାଡ଼ କରିବ । କେମିତି ଏ ବର୍ଷା ଟା ରେ ନଅ ମାସର ଆଉ ଗୋଟେ ଛୁଆକୁ ଗର୍ଭ ରେ ଧରିକି କୁଆଡେ ଯିବ ? କୋଉଠୁ କଣ କରିବ ? ସମୟ ସମୟରେ ଧୀରେ ଧୀରେ ଗର୍ଭ ଯନ୍ତ୍ରଣା ବି ଅସହ୍ୟ ହେଉଥାଏ । ରାତି ଆସି ନଅ ପାର କଲାଣି ସେ ଯାହା ବି ହଉ ନିଜ ପାଇଁ ନହେଲା ନାଇଁ ଅନ୍ତତଃ କୁନା ପାଇଁ ଖାଇବା ଯୋଗାଡ଼ କରିବ ବୋଲି ମୁଣ୍ଡରେ ରେ ଜରି ଟିଏ ବାନ୍ଧି ଦେଇ ଗୋଟେ କାଖ ରେ କୁନା ଆଉ ଗୋଟେ ହାତରେ ଥାଳି ଟିଏ ଧରି ମାଡିଚ଼ାଲେ ଗାଁ ଭିତର କୁ । ଘୁ ଘୁ ପବନ ରାସ୍ତା ଚ଼ାଲିବାକୁ ଅନୁମତି ଦେଉନଥାଏ । ତଥାପି ବାଟ କାଟି ସୁନନ୍ଦା ଆଗକୁ ବଢ଼ି ଚ଼ାଲି ଥାଏ । ରାସ୍ତା ସାରା ବଡ଼ ବଡ଼ ଗଛ ଆଉ ଇଲେକ୍ଟ୍ରି ଖୁଣ୍ଟ ଗୁଡା ଚ଼ିତପଟାଙ୍ଗ ମାରି ପଡ଼ିଥାନ୍ତି । ମୁଣ୍ଡରେ ଟାଇଁ ଟାଇଁ କୁଆ ପଥର ରାଜି ହେଉଥାଏ । କଳା କଳା ବାଦଲ ଖଣ୍ଡ ଗୁଡା ସୁନନ୍ଦା ର ବାଟ ଓଗାଳିବା ପାଇଁ ଆଖି ତରାଟୀ ଚ଼ାହୁଁଥାନ୍ତି । ଏସବୁ କୁ ଖାତିର ନ କରି ସେ ଆଗକୁ ବଢ଼ି ଚ଼ାଲିବା ସହ ଗାଁ ଭିତରେ ଦୁଆର ଦୁଆର ରୁ ଚ଼ଢି ଯାଇ ଭାତ ମୁଠାଏ ପାଇଁ ଆକୁଳ ନିବେଦନ କରିବାକୁ ଲାଗେ । ' ମୋ ଚୁଲି ଭିତରେ ପାଣି ପଶି ଗଲା ଲୋ ମା ମନେ... ମା ମନେ ' ଖାଇବାକୁ ଗଣ୍ଡେ ଭାତ ଦିଅ ଲୋ ମା ମନେ.. ମା ମନେ ' ଭୋକ ରେ ମୋ କୁନା ର ପେଟ ପୋଡି ଯାଏ ଲୋ ମା ମନେ ମା ମନେ... ' ଏମିତି ବାହୁନି ବାହୁନି ଏ ଘରୁ ବାହାରି ସେ ଘର ମାଗି ବୁଲୁ ଥାଏ ସୁନନ୍ଦା । ହେଲେ କେହି ବି ତା ଡାକ ଶୁଣନ୍ତି ନାହିଁ ଓଲଟା ଡୁବୁଡୁବୁଆଣୀ ଅଲକ୍ଷଣି କହି ଛେ ଛେ...କରି କବାଟ କିଳି ଦିଅନ୍ତି । ଭାରି କଷ୍ଟ ହେଉଥାଏ ଗର୍ଭ ଯନ୍ତ୍ରଣା ସାଙ୍ଗକୁ ଲୋକଙ୍କ ଛି ଛାକର । କଥା ରେ ନାହିଁ ଗରିବ ଲୋକ ର ମାଇପ ଦୁନିଆ ଯାକ ଅଣ୍ଡିରା ଙ୍କ ଶାଳୀ । କେହି କେହି ତ ତାକୁ ଖରାପ ଉଦେଶ୍ୟ ରେ ଇଙ୍ଗିତ କରନ୍ତି । ଏଡିକି ବକଟେ ଛୁଆ ସେଥିରେ ପୁଣି ଏ ବର୍ଷା ଦାଉ ସାଧିଛି । ଆଖି ରୁ ଧାର ଧାର ଲୁହ ଗୁଡା ବହି ଯାଉଥାଏ । କଣ କରିବ କିସ କରିବ କୋଉଠୁ ଭାତ ଟିକିଏ ଯୋଗାଡିବ ଭାବୁ ଭାବୁ ଗାଁ ମନ୍ଦିର କଥା ମନକୁ ପଶେ । ସେଇଠି ଅଭ୍ୟାଗତ ନାଁ ରେ ନିତି ଭୋଗ ଟିଏ ମାହାଳିଆ ଗରିବ ଲୋକ ଙ୍କୁ ଦିଆଯାଏ । ମନ ରେ ସାମାନ୍ୟ ଅସ୍ଥା ପ୍ରକଟ ହୁଏ । ମେଘ ସେତେବେଳ କୁ ସାମାନ୍ୟ ଥମି ଆସୁଥାଏ । ଆଉ ଡେରି ନ କରି ସୁନନ୍ଦା ମନ୍ଦିର ଆଡ଼କୁ ଏକ ତରଫା ମାଡିଚ଼ାଲେ । ମନ୍ଦିର ଯେତେ ଯେତେ ପାଖ ହେଉଥାଏ ମନ ର ଆଶା ସେତେ ସେତେ ତୀବ୍ର ହେବାକୁ ଲାଗିଥାଏ ।

ସେତେବେଳ କୁ ସମୟ ଆସି ରାତି ଦଶ ଟା ଉପରେ ବାଜି ସାରିଥାଏ । ସୁନନ୍ଦା ଆସି ମନ୍ଦିର ଦୁଆରେ ପହଞ୍ଚ ? ।କେହି କୁଆଡେ ନାହାନ୍ତି । ବୋଧେ ମନ୍ଦିର ପହଡ଼ ପଡି ସାରିଲାଣି । ସେ ଟିକେ ବିଚ଼ଳିତ ହୋଇ ଡାକ ଛାଡେ ଗୋସେଇଁ ମହାପୁରୁ.... ଗୋସେଇଁ ମହାପୁରୁ... ।କିଛି ସୋର ଶବ୍ଦ ଶୁଭେ ନାହିଁ । ବାରମ୍ବାର ଡାକ ଦିଏ ତଥାପି ଭିତର ପଟୁ କିଛି ଉଁ କି ଚୁଁ କିଛି ଶବ୍ଦ ଆସେନି । ସେ ବିଚ଼ଳିତ ହୋଇପଡେ ।ଭିତର ଦୁଆରେ କିଏ ଅଛି କି ନାଇଁ ଜାଣିବାକୁ ସୁନନ୍ଦା ସିଂହ ଦୁଆର କବାଟ ଟା ଖୋଲି ଭିତରକୁ ପ୍ରବେଶ କରୁଥିବା ସମୟରେ ପଛପଟୁ କାହାର ଏକ ଗୁରାଳୀ ଟିଏ ଶୁଭେ । ହେ.....ହେ... ଚ଼ଣ୍ଡାଳୁଣୀ ଟା ମନ୍ଦିର ମାରା କରିଦେଲା ଛୁଆଁ ଛୁତି ମାଇପ ସବୁ ଆଡେ ଛୁଇଁ ପକେଇଲା । ଏଁ ଦେଖୁଚ଼ି ଯା ର ତ ଭାରି ସାହସ ମନ୍ଦିର ଭିତର କିଏ ନଥିବା ଦେଖି ଚୋରି କରିବା କୁ କେମିତି ପଶି ଯାଉଥିଲା । ବ୍ୟକ୍ତି ଜଣକ ପାଖରେ ପଡ଼ିଥିବା ଅମରି ଛାଟ ରେ ଅକଥନୀୟ ପିଟିଚ଼ାଲେ । ବିଭିନ୍ନ ଅସଭ୍ୟ ଭାଷା ଗାଳି ଦେବା ସହ ଗାଁ ଲୋକ ଙ୍କୁ ଗୁରାଳୀ ଛାଡୁଥାଏ । ଭୋକ ବିକଳ ଆଉ ଗର୍ଭ ଯନ୍ତ୍ରଣା ସହିତ ବେତ ର ଯନ୍ତ୍ରଣା ରେ ସୁନନ୍ଦା ଚ଼ିତ୍କାର କରିବାକୁ ଲାଗେ । ଗାଁ ଲୋକେ ଆସି ରୁଣ୍ଡ ହୁଅନ୍ତି । ଘଟଣା ର କାରଣ ସେଇ ବ୍ୟକ୍ତି କୁ ପଚ଼ାରି ବୁଝନ୍ତି । ବ୍ୟକ୍ତି ଜଣକ ତାକୁ ଚୋରଣି ଆଖ୍ୟା ଦେବା ସହିତ ନା ନା କଥା ସହ କେବେ ମନ୍ଦିର କଣ ଚୋରି ହେଇଥିଲା ସବୁ କିଛି ଛଅ କୁ ନଅ କରି ତା ମୁଣ୍ଡରେ ରେ ବୋଲି ଦିଏ । ହା ରେ... ଆଜି ଯାକୁ ସନିଆ ଦେଖିଲା ବୋଲି ନା... ନହେଲେ ଯା ର ସାହସ ତ କିଛି କମ ନୁହଁ ଗୋଟେ ଡୁବୁଡୁବୁଆଣୀ ହେଇକି ମନ୍ଦିର ଭିତର କୁ ପଶି ଯାଉଥିଲା । ସୁନନ୍ଦା ମୁଣ୍ଡିଆ ମାରି ଭାରି ନେହୁରା ହୁଏ । କେହି ଟିକିଏ ତା କଥା ଶୁଣନ୍ତିନି । ସୁନନ୍ଦା ମନେ ମନେ ଭାବେ ସ୍ୱାମୀ ଥିଲେ ସିନା ସିଏ ପ୍ରତିବାଦ କରିଥାନ୍ତେ ସିଏ ତ ଆରପାରି ରେ । ଗାଁ ଲୋକ ଙ୍କ ସେବା କରି କରି ତ ଜୀବନ ଟା ସାରିଦେଲେ ହେଲେ ନିଜ ପିଲା ମାଇପ ପାଇଁ କିଛି ବି କଲେନି ଏମିତି କିଛି ଭାବି ସୁନନ୍ଦା ଆଖି ର ଲୋତକ ଗୁଡା ବତର ଖାଇଥିବା ମାଟି ର ବକ୍ଷ ଟାକୁ ଆହୁରି ବତୁରେଇବାରେ ଲାଗି ଥାଏ ।

ନରି /ନରେନ୍ଦ୍ର ଡୁବୁଡୁବୁଆ କହିଲେ କିଏ ନ ଜାଣେ । ଖଣ୍ଡ ମଣ୍ଡଳ ରେ କାହାର କଣ ହେଲେ ତାର ଆଗ ଖୋଜା ପଡେ । ସେ ବି ବିନା ସ୍ୱାର୍ଥ ରେ ସମସ୍ତଙ୍କ ର କାମ ପାଇଁ ଆଗେଇ ଆସେ । ସେ କାହା ବାଡ଼ିର ନଡ଼ିଆ ତୋଳିବା ପାଇଁ ହଉ କି ମଢ଼ କାଠ ଯୋଗାଡିବ ପାଇଁ ହଉ । ଅନେକ ସମୟରେ ତ ସେ ଗାଁ ମନ୍ଦିର ପାଇଁ ବଡ କାଠ ଗଣ୍ଡି ଗୁଡା ଚ଼ିରି କାଠ ଯୋଗଇ ଦିଏ । ପାଖରେ ଧନ ସିନା ନାହିଁ ମନ ଭଣ୍ଡାର ଟା ପରିପୂର୍ଣ୍ଣ । ସରଳ ନିଷ୍କପଟ ଲୋକଟେ । ବଣ ରୁ ମହୁ ସଂଗ୍ରହ କରିବା ସହ ଯାନୀ ଯାତ୍ରା ହେଲେ ମାଟି ତଳେ ମୁଣ୍ଡ ପୋତି ଦି ପଇସା ରୋଜଗାର କରେ । କହିବାକୁ ଗଲେ ବଇଦ ଟିଏ....। କୋଉ ରୋଗ ପାଇଁ କୋଉ ଚେର ମୂଳ କାଟୁ କରିବ ତାକୁ ଜଣା । ଗାଁ କୁ ବଡ଼ ବଡ଼ ବାବୁ ମାନେ ଆସିଲେ ବଣ ରୁ ସମ୍ବର ମାଂସ ହଉ ଜିଆଦ ମାଂସ ଆଣିକି ଯୋଗାଇ ଦିଏ ।ହେଲେ ପାଉଣା ନିଏନି । ତା ବଦଳରେ ନିଜ ପାଇଁ ଆଉ ନିଜ ଜାତି ଭାଇଙ୍କ ପାଇଁ ରହିବାକୁ ଇନ୍ଦିରା ଆବାସ ଖଣ୍ଡେ ଆଉ ଜମି ଖଣ୍ଡେ କରେଇଦେବା ପାଇଁ ନିତି ଗୁହାରି କରେ । ହେଲେ କଥାରେ ନାହିଁ ତେଲିଆ ମୁଣ୍ଡରେ ତେଲ । ଯିଏ ପାଇବାକୁ ଯୋଗ୍ୟ ସେ ନ ପାଇ ଯାହାର ସବୁ ଅଛି ସେ ସବୁ ସୁବିଧା ପାଏ । ଯାକୁ ବାରବୁଲା ଡୁବୁଡୁବୁଆ କହି ନରି କଥା କୁ କେହି ଟିକେ କର୍ଣ୍ଣପାତ କରନ୍ତି ନାହିଁ ଯିଏ ଯା ସୁବିଧା ଦେଖି ଖସି ଯାନ୍ତି । ହେଲେ ଏ ନେଇ ନରି ଅନେକ ଥର ଜାତି ଭାଇଙ୍କୁ ନେଇ ସରପଞ୍ଚ ଠାରେ ଅନେକ ଥର ଗୁହାରି କରେ ।ସରପଞ୍ଚ ଗୁହାରି ନ ଶୁଣିବା କାରଣ ରୁ ତାର ସରପଞ୍ଚ ସହ ଥରେ ଦି ଥର ବଚ଼ସା ହୋଇଯାଏ । ଏମିତି ରେ କିଛି ବିତି ଦିନ ଯାଇଥାଏ । ଦିନେ ପଂଚ଼ାୟତ ଘରୁ ସରପଞ୍ଚ ଆଉ କିଛି ଲୋକ ମିଶି ସାଧାରଣ ବଣ୍ଟନ ଚ଼ାଉଳ ରୁ କିଛି ବସ୍ତା ଚ଼ାଉଳ କଳା କାରବାର କରି ଦେଇଥାନ୍ତି । କାଳେ ଅଡିଟ ଆସିଲେ ଉତ୍ତର ଦେବାକୁ ପଡିବ ବୋଲି ମିଛରେ ଚ଼ାଉଳ ଚୋରି କେଶ ରେ ନରି କୁ ଫସେଇ ଦିଅନ୍ତି । କାରଣ ସେ ହିଁ ଦୀର୍ଘ ଦିନ ରୁ ପ୍ରତିବାଦ କରି ଆସୁଥିଲା ତାକୁ ଫସେଇଦେଲେ କଥା ଟା ଲୁଚ଼ି ଯିବ । ସରପଞ୍ଚ ର କୂଟ ଚ଼କ୍ରାନ୍ତ ରେ ନରି ଟା ଫସିଯାଏ । ସରପଞ୍ଚ ଗାଁ ରେ ଗୋଟେ କଙ୍ଗାରୁ କୋର୍ଟ ବସାଇ ନରି କୁ ଦଣ୍ଡ ବିଧାନ କରିବା ସହ ମୁହଁ ରେ ଗୋବର ମାଡି ଗଧ ଉପରେ ବସେଇକି ଗାଁ ସାରା ବୁଲେଇବା ସହ ଗାଁ ରୁ ବିତାଡିତ କରିବା ସହ ନିଆଁ ପାଣି ବନ୍ଦ କରିଦିଅନ୍ତି । ସାତ ମାସ ର ଗର୍ଭୁଣି ସ୍ତ୍ରୀ ପିଲା କୁ ନେଇ କୁଆଡେ ଯିବ । ଗାଁ ବାହାରେ ଛୋଟ ଚ଼ାଳିଆ ଟିଏ ମାରି ସେଇଠି ରୁହେ । ହେଲେ ସ୍ୱାଭିମାନ ର ସହ ବଂଚୁଥିବା ଲୋକ ଟା ଯେତେବେଳେ ମିଛରେ ଚୋର ସାବ୍ୟସ୍ତ ହୁଏ ଭାରି ବାଧେ । ଏକଥା ତାକୁ ସବୁଦିନ ମାନସିକ ଦୁଶ୍ଚିନ୍ତା ରେ ଘାଣ୍ଟି ଚ଼ାଲି ଥାଏ । ଶେଷରେ ସେ ଲୋକନିନ୍ଦା ସହି ନ ପରି ସ୍ତ୍ରୀ ପିଲା ଙ୍କୁ ପର କରି ନରି ସବୁଦିନ ପାଇଁ ଚ଼ିର ନିଦ୍ରା ରେ ସୋଇପଡ଼ ?

ଏମିତି କିଛି ପଛ କଥା ଭାବି ସୁନନ୍ଦା ଖୁଣ୍ଟ ଟା ପରି ଗାଁ ଲୋକଙ୍କ ନିଷ୍ପତି ଶୁଣୁଥାଏ । ନିଷ୍ପତ୍ତି ଚୂଡାନ୍ତ ହୁଏ । ସୁନନ୍ଦା କୁ ମଧ ତା ସ୍ୱାମୀ ପରି ଦଣ୍ଡ ଦିଆଯିବ । ଯେହେତୁ ସେ ମନ୍ଦିର ଅପବିତ୍ର କରିଛି ସେଥିପାଇଁ ପାଇଁ ତାକୁ ନଙ୍ଗଳା କରି ଗାଁ ସାରା ବୁଲେଇକି ଛଡା ଯିବ କିନ୍ତୁ ରାତି ପାହିଲେ । ତେଣୁ ରାତି ପହିଲା ପର୍ଯ୍ୟନ୍ତ ତାକୁ ସାହି ମୁଣ୍ଡରେ ଥିବା କଇଁଆଁ ଗଛ ରେ ବାନ୍ଧି ଦିଆଯାଏ । କୁନା ଟା ଭାରି ଚ଼ିଡିଚ଼ିଡା ମାରି କାନ୍ଦେ ମା କୁ ଛାଡ଼ିଦେବା ପାଇଁ ଲୋକଙ୍କୁ କେତେ ନେହୁରା ହୁଏ । କେହି ତାକୁ ଶୁଣନ୍ତି ନାହିଁ । ବାନ୍ଧି ଦେଇ ଯିଏ ଯୁଆଡେ କବାଟ କିଳି ଦେଇ ସୋଇପଡ଼ନ୍ତି । କିଛି ସମୟ ଆଗରୁ ଏଇ ନାଟକ ଦେଖିବା ପାଇଁ ଯେଉଁ କାଳ ବୈଶାଖୀ ତୁନି ପଡି ସବୁ ଜଳ ଜଳ କରି ଦେଖୁଥିଲା । ପୁଣି ଥରେ ସେ ଆସ୍ତେ ସେ ପ୍ରଚ଼ଣ୍ଡ ହେବାକୁ ଲାଗେ । ମାଡିଆସେ ଅଣଚ଼ାଶ ପବନ । ମୁଷଳ ଧାରା ରେ ବରଷି ବାକୁ ଲାଗେ ଛାତି ଥରେଇଲା ଭଳି ଘଡ ଘଡି ସାଙ୍ଗକୁ ଆଖି ଝଲସା ବିଜୁଳି....ଆଗ୍ନେୟ କୋଣ ରୁ ଐସାନ୍ୟ କୋଣ ଯାଏଁ ବଢ଼ି ଯାଉଥାଏ । ଏତେ ବେଳ କୁ ସୁନନ୍ଦା ର ଗର୍ଭ ଯନ୍ତ୍ରଣା ଅସହ୍ୟ ହେବାକୁ ଲାଗିଥାଏ । ଗଛ ମୂଳ ଟାରେ ଯନ୍ତ୍ରଣା ରେ ଭାରି ଛଟପଟ ହୁଏ । ପ୍ରଶବ ସମୟ ପାଖେଇ ଆସୁଥାଏ । ଗୋଡ ପଟେ ରକ୍ତ ଗୁଡା ଧାର ଧାର ବହିବାକୁ ଲାଗିଥାଏ । ମା ର ଏମିତି ଅବସ୍ଥା ଦେଖି କୁନା ପୁରା କିରିକିରା ରଡି ଛାଡି ଏ ଘରୁ ସେ ଘର କବାଟ ବାଡ ?ଇବାକୁ ଲାଗେ । କେହି ଟିକେ ଦୟା ପଡ଼ ?ନି । ସେ ଚୋରି କରିଛି ପୁଣି ମନ୍ଦିର ବି ଅପବିତ୍ର କରିଛି ସେ ନିଶ୍ଚ ? ଦଣ୍ଡ ଭୋଗିବ ହିଁ ଭୋଗିବ । ବରଷା ଛେଚ଼ି ଚ଼ାଲି ଥାଏ ସୁନନ୍ଦା ର ଚ଼ିତ୍କାର ରେ ଗାଁ ଦାଣ୍ଡ ଫାଟି ପଡୁଥାଏ । ରାତି ର ସେ ଅନ୍ଧାର ଭିତରେ ସୁନନ୍ଦା ଆଉ କୁନା ର କରୁଣ ଚ଼ିତ୍କାର ଶେଷରେ ପ୍ରକୃତି ଛାତିରେ ଗଭୀର ରେଖାପାତ କରେ । କିଛି ସମୟ ପରେ ବର୍ଷା ଥମି ଯାଏ । ଚ଼ିତ୍କାର ଆଉ ଶୁଭେନି ସବୁ କିଛି ଶାନ୍ତ ପଡ଼ିଯାଏ । ଅନେକ ସମୟର ଅପେକ୍ଷା ପରେ ରାତି ପାହିଯାଏ । ଗଛ ମୂଳେ ଲୋକ ମାନେ ଧୀରେ ଧୀରେ ରୁଣ୍ଡ ହୁଅନ୍ତି । ସୁନନ୍ଦା କୁ କି ଦଣ୍ଡ ମିଳିବ ଦେଖିବା ପାଇଁ ହେଲେ ଦଣ୍ଡ ଭୋଗିବା ଆଗରୁ ସୁନନ୍ଦା ସବୁଦିନ ପାଇଁ ଛୁଆ ପ୍ରସବ କରେଇନପାରି ସେତେବେଳ କୁ ଆଖି ବୁଜି ସାରିଥାଏ । କୁନା ଟା ଛାନିଆ ହେଇ ସେମିତି ଜଳ ଜଳ କରି ମା ର ବନ୍ଧା ପଡ଼ିଥିବା ଶବ ଟାକୁ ଅନେଇକି ରହି ଥାଏ ।

କିଛି ସମୟ ପରେ ପୋଲିସ ଆସେ ତନାଘନା ହୁଏ କୁନା ର ବୟାନ ବି ରେକର୍ଡ ବି ହୁଏ ।ହେଲେ କୁନା କୁ ଅନାଥ ଆଶ୍ରମ କୁ ପଠେଇ ଦେଇ ସମୟ ସହିତ ତଦନ୍ତ ସବୁ ଫାଇଲ ରେ ହିଁ ବାନ୍ଧି ହୋଇ ରହିଯାଏ । ନରି ଭଳି ସୁନନ୍ଦା ମଧ ଗାଁ ଲୋକ ଙ୍କ ପାଇଁ ଚୋରଣୀ ପାଲଟିଯାଏ ।

---

# ପଶ୍ଚାତାପ



ସୁଷମା ପରିଜା

ଗୁଜୁରାଟର ଦାହୋଡ ଷ୍ଟେସନ ରେ ଓହ୍ଲାଇ ଘଣ୍ଟା କୁ ଚ଼ାହିଁଲା ସରୋଜ। ସଂଧ୍ୟା ସାତଟା ବାଜି ତିରିଶ ମିନିଟ୍ । କାଲି ସକାଳେ ତାର ଜଏନ୍ କରିବାର ଅଛି ନୂଆ ଚ଼ାକିରି ରେ। ଚ଼ାରିଆଡକୁ ଆଖି ପହଁରେଇ ଆଣିଲା କାଳେ କେହି କୁଲି ମିଳିଯିବ ଯିଏ ଏଠାକାର କୌଣସି ଶସ୍ତା ହୋଟେଲର ଠିକଣା ବତାଇ ଦେବ ତାକୁ । ଆଜିର ରାତି ଟା ସେଇଠି କାଟି ସେ କାଲି ଅଫିସ୍ ରେ ଜଏନ୍ କଲାପରେ ନିଜ ରହିବାର ବନ୍ଦୋବସ୍ତ କରିବ। ହଠାତ୍ ଜଣେ କିଏ ତା ଦେହରେ ବାଡେଇ ହୋଇ ପଡି ଯାଉଯାଉ ଧରି ପକାଇଲା ତାକୁ। ବିରକ୍ତ ହୋଇ କଣ କହୁ କହୁ ସାମନା ଲୋକର ମୁହଁକୁ ଅନାଇ ଏକ ସୁଖଦ ଆଶ୍ଚର୍ଯ୍ୟରେ ଭରିଗଲା ତା'ର ମନ। ସାମନା ଲୋକଟି ଥିଲା ତାର କଲେଜର ସହପାଠୀ ତଥା ତାର ରୁମ୍ ମେଟ୍ ସୁବଳ। ଚ଼ମକି ଉଠି ସୁବଳ କୁଣ୍ଢାଇ ପକାଇଲା ତାକୁ ।କହିଲା ଆରେ ଏତେ ଦିନ ପରେ ତତେ ଦେଖିବି ବୋଲି ମନରେ ବିଶ୍ୱାସ ନଥିଲା । ତୁ ଏଠି କେମିତି ?

କଥାରେ କଥାରେ ସବୁକଥା କହିଗଲା ସରୋଜ। ଏଠି ମୋର ଘର ଥାଉ ଥାଉ ତୁ ହୋଟେଲରେ ରହିବୁ' ? ବାଧ କରି ରାଣ ନିୟମ ଦେଇ ତାକୁ ତ'ର ବସାଘରକୁ ନେଇଗଲା ସୁବଳ। ଏଠାରେ ଏକ ଘରୋଇ ସଂସ୍ଥା ରେ ଚ଼ାରିବର୍ଷ ହେବ ସେ କାମ କରୁଛି ଏବଂ ବାହାଘର ପରେ ସେ ତା'ର ପରିବାର ଧରି ଏଇଠି ରହୁଛି ବୋଲି ଜଣାଇଦେଲା ।

ଘରେ ପଶୁ ପଶୁ ପାଟିଟାଏ କରି ପତ୍ନୀ କୁ ଡାକ ପକାଇଲା 'କୁଆଡେ ଗଲ ହୋ , ଆସ ଦେଖିବ କିଏ ଆସିଛି । ମୋ ପୁରୁଣା ସାଂଗ ,କଲେଜ ବେଳେ ଆମେ ଦୁଇଜଣ ପାଞ୍ଚ ବର୍ଷ ଏକାଠି ଗୋଟିଏ ରୁମ୍ ରେ କାଟିଛୁ। ଆଜି ତାକୁ ଜୋର ଜବରଦସ୍ତ କରି ଆଣିଛି ଆମଘରକୁ ସେଇ ପୁରୁଣା କଥା ସବୁକୁ ମନେପକେଇବା ଲାଗି । ଭରେଜ୍ ରଖି ହାତ ମୁହଁ ଧୋଇ ଆସି ଡ୍ରଇଂ ରୁମ୍ ରେ ବସିଲେ ଦି ଜଣ। ଚ଼ାରିଆଡକୁ ଚ଼ାହାଁଣି ବୁଲେଇ ଆଣିଲା ସରୋଜ। ବେଶ୍ ସୁନ୍ଦର ଭାବରେ ସଜାଇ ରଖିଛି ସୁବଳ ର ପତ୍ନୀ। ତାର ଘରକରଣା ଦେଖି ବିମୋହିତ ହେଲା ସରୋଜ ।ଯାହା ହେଉ ମନଲାଖି ସାଥୀ ଟିଏ ପାଇଛି ସୁବଳ ।ଏବେ ପୁଣି ଛଅ ମାସ ତଳେ ପୁଅ ଟିଏ ହୋଇଛି ବୋଲି କହୁଥିଲା। କପାଳିଆଟାଏ ସୁବଳ।

ଏଇ ଦାଦାଙ୍କୁ ଦେଖ୍ କହି ପରଦା ଆଡେଇ ପୁଅକୁ କାଖରେ ଧରି ହସି ହସି ଘରେ ପଶିଲା ସୁବଳ ଆଉ ପଛରେ ଧୂମାୟିତ ଚ଼ାହା କପ୍ ଦୁଇଟି ଧରି ତାର ପତ୍ନୀ। ଲାଜମିଶା ହସ ହସି ଦୁଇହାତ ଯୋଡି ନମସ୍କାର କରି ଯିଏ ମଥାନତ କରି ଠିଆ ହେଲେ ତାଙ୍କୁ ଦେଖି ସରୋଜ ର ପାଟି ଅଠା ଅଠା ହୋଇଗଲା । ସିଏ ହୁଏ ତ ତାକୁ ଚ଼ିହ୍ନି ପାରି ନଥିବେ,କିନ୍ତୁ ସେ ତାଙ୍କୁ ଠିକ୍ ଚ଼ିହ୍ନି ପାରିଥିଲା । ଭାବୁଥିଲା ଯଦି ପାଞ୍ଚ ବର୍ଷ ପୂର୍ବରୁ ସେ ଥରଟିଏ ମୁହଁଖୋଲି ବାପାଙ୍କ ତିନି ଲକ୍ଷ ଟଙ୍କା ର ଯୌତୁକ ଦାବୀ ର ପ୍ରତିବାଦ କରି ପାରିଥାନ୍ତା ତେବେ ଲଳିତା ଆଜି ତା'ର ପତ୍ନୀ ହୋଇ ତା'ରି ପୁଅକୁ ତା'ଘର ଅଗଣାରେ ଖେଳାଉଥାଆନ୍ତା।

*ଶାରଳା ଭବନ ପୋତାପୋଖରୀ*
*ନୂଆବଜାର କଟକ*

---

## 'ମୋ ଘରର କାନ୍ଥ'

*କୃଷ୍ଣା ମିଶ୍ର*



ଦାଗ ଭରା କାନ୍ଥ କୁ ପଚ଼ାରିଲି,
କହିଲୁ !
ଏଇ କୁତ୍ସିତ ରଙ୍ଗ,
ଆଞ୍ଚୁଡା, ରାମ୍ପୁଡା...
କିଏ ତୋତେ, କେବେ ଛୁଇଁଲା ?
କଦକାର କଲା ?
କେମିତି, କାହିଁକି ଏ ହୀନିମାନୀ ଦଶା
ହେଲା ! !

ସେ, ଉତ୍ତର ଦେଲା..
'ମୁଁ ତ ଗୋଟାପଣେ ପଥର,
ନିର୍ଜୀବ , ନିଥର !
ଯିଏ, ଯେତେବେଳେ, ଚ଼ାହାଁନ୍ତି,
ଯେମିତି ହେଉ,ନିଜର ରଙ୍ଗକୁ ଲେସି
ଦିଅନ୍ତି ମୋ'ପରେ,
ପର୍ବାଣୀରେ ଦେଖାଣିଆ ଭାବ !
ସବୁକୁ ଛାଟି ଦେଇ ନୂତନ ରଙ୍ଗରେ !
ଉଲ୍ଲସିତ ହୁଅନ୍ତି,
ଏଇ ପଥୁରିଆ ଢାଞ୍ଚା ଉହାଡରେ ନିଜକୁ
ବେଶ ସୁରକ୍ଷିତ ମଣନ୍ତି.....

ପୁଣି, କଣ୍ଟା ବାଡ଼ ?ଇ
କ୍ୟାଲେଣ୍ଡର ଝୁଲାଇ
ତାରିଖ ବଦଳାଇ, ଦିନ ଗଣନ୍ତି !
ପଥର ଢାଞ୍ଚାରେ ରଙ୍ଗର ବୟସ ମାପନ୍ତି,
ନୂଆଁ ପୁଟ ଦେଇ, ଧୋବ ଧାଉଳିଆ
କରିଦେବା ପାଇଁ ଯୋଜନା କରନ୍ତି..

*ଡି/୩, ଜିନ୍ଦଲ ସ୍କୁଲ ହାଉସିଙ୍ଗ*
*କଲୋନୀ, ରାୟଗଡ଼, ଛତିଶଗଡ*
*ମୋ - ୯୩୦୧୦୧୨୩୩୩*

## ନାରୀ

*ରତ୍ନକାନ୍ତି ମିଶ୍ର*



ତୁମେ କରୁଣାର ଜୀବନ୍ତ ମୂରତି
ସୃଷ୍ଟିର ଆଦିମ ଧାରା
ବକ୍ଷରେ ତୁମର ପ୍ରାଣ ସଞ୍ଜିବନୀ
ଅମୃତର ଉତ୍ସ ପରା ।

ଜୀବନୀଶକ୍ତିର ଶାଶ୍ୱତ ଆଧାର
ମମତାର ଦିବ୍ୟ ସ୍ରୋତ
ଅୟୀ ପ୍ରକୃତିର କମନୀୟ ରୂପ
ପୂର୍ଣ୍ଣତାରେ ଅବନତ ।

ସରଗ ପରୀ ସେ ଅଲିଅଳି ଜେମା
ବିଧାତାର ବରଦାନ
ଘରର ଶିରୀ ସେ ଚ଼ପଳା ଚ଼ଞ୍ଚଳା
ମଣ୍ଡୁଥାଏ ଗୃହାଙ୍ଗନ ।

ବାପାମାଆଙ୍କର ସନ୍ତାପ ହାରିଣୀ
ସେ ପରା ଅପରାଜିତା
ଭାଇ ପାଇଁ ପୁଣି ମମତା ଦାୟିନୀ
ଅନନ୍ୟା ସେଇ ଦୁହିତା ।

ଶରଧା ସୁହାଗ ପ୍ରୀତି ଅନୁରାଗେ
କେହି ନୁହେଁ ତୁମ ସରି
ତୁମ ବ୍ୟତିରେକ ସୁନ୍ଦର ସଂସାର
ଲାଗେ ପରା ହତଶିରୀ ।

ସ୍ନେହ ମନ୍ଦାକିନୀ ସଦା ଛଳଛଳ
ଆଞ୍ଜୁଳାଏ ସ୍ୱଚ୍ଛ ଜଳ
ଘନ ଅନ୍ଧକାରେ ସତେ କି ପ୍ରଦୀପ
ନିରାଶା ମନରେ ବଳ ।

ସୃଷ୍ଟି ସର୍ଜନାର ଶ୍ରେଷ୍ଠ ଉପହାର
ଧରିତ୍ରୀ ବକ୍ଷରେ ନାରୀ
ହୃଦୟରେ ତୁମ ଜଗତ କଲ୍ୟାଣ
ବିଧାତା ଦେଇଛି ଭରି ।

ଦୁହିତା ଜନନୀ ଭଗ୍ନୀ ପ୍ରଣୟିନୀ
ସ୍ନେହ ପ୍ରୀତି ପ୍ରଦାୟିନୀ
ତୁମେ ହିଁ ବସୁଧା ତୁମେ ସ୍ୱୟଂସିଦ୍ଧା
ନାରୀ ରୂପେ ନାରାୟଣୀ ।

*ଆଳି, କେନ୍ଦ୍ରାପଡା*
*୮୨୪୯୭୯୯୯୬୧*

## ଅୟି ମୌସୁମୀ

*ଆଦ୍ୟାଶା ମହାପାତ୍ର*



ଅୟି ମୌସୁମୀ ଆସ ଝୁମି ଝୁମି
ପିନ୍ଧି କଳାମେଘୀ ପାଟ
ତୁମ ଆଗମନେ ହସିବ ଜଗତ
ଚ଼ାହିଁଛୁ ହୋଇ ଉଚ଼୍ଚ଼ାଟ

ଗ୍ରୀଷ୍ମ କଷ୍ଟରେ ସନ୍ତାପିତ ମନ
ହେଉଛି ପରା ଅଥୟ
ତୃଷାରେ ଆତୁର ପାହାଡ ଜଙ୍ଗଲ
ଚ଼ାତକ ଆଖିରେ ଲୁହ

ତୁମରି ଛୁଆଁରେ ହସିବ ଏ ଧରା
ଦୁଃଖ ଯିବ ଅପସରି
ଧୂସର ବିବର୍ଣ୍ଣ ମାଟି ମଟାଳକୁ
ଉଲ୍ଲାସ ଆସିବ ଫେରି

ଦେହ ମନ ସବୁ ହେବ ରୋମାଞ୍ଚିତ
ଭିଜା ମାଟିର ଆଘ୍ରାଣେ
ଅନୁଭବ ହେବ ଅନନ୍ୟ ପୁଲକ
ଉନ୍ମାଦ ଭରା ପ୍ରାଣେ

ଆକାଶଟା ଏବେ ଦେଲାଣି ଇସାରା
ଝଲସାଇ ସୌଦାମିନୀ
ଆସ ! ଆସ ! ବେଗେ ମୋ ?ସୁମୀ
ଆସ
ନେଇ ସୁଧା ସଞ୍ଜିବନୀ

ତୁମ ପଦପାତେ ଏ ? ଧରଣୀ ରାଣୀ
ମଣ୍ଡିତ ହେବ ସୁଷମା
ପ୍ରାନ୍ତରେ ପ୍ରାନ୍ତରେ ବନେ ଉପବନେ
ଖେଳିଯିବ ସବୁଜିମା

ପ୍ରତୀକ୍ଷାର ଅନ୍ତ ଘଟାଇ ଗୋ ଆସ
କର ନାହିଁ ଅଭିମାନ
ସୃଷ୍ଟି ନିୟମରେ ଋତୁଚ଼କ୍ରେ ବନ୍ଧା
ଏ ପରା ବିଧି ବିଧାନ

*ନୂଆପଡା, କଟକ*

## ବୋଉ

*ସୁଦର୍ଶନ ମହାପାତ୍ର*



ମାତୃତ୍ୱ ଲାଭ ତା ପାଇଁ ବିଧାତାର ଦାନ
ସନ୍ତାନ ପାଇଁ ବକ୍ଷେ ବି ଭରିଛି ଅମୃତ
ସେ ପରା ଜଗତେ ଶ୍ରେଷ୍ଠ ସ୍ରଷ୍ଟାଙ୍କ ସୃଷ୍ଟିରେ
'ବୋଉ' ନାମେ ସଂସାରରେ
ଚ଼ିର ପରିଚ଼ିତ ॥

ସେ ଡାକିଲେ,ପଦପାତେ ନୂତନ ସକାଳ
ଉଇଁ ଆସେ ପ୍ରାଚ଼ୀ ଦେଶେ ସୁନେଲି ସୂରୁଜ
ଦାଣ୍ଡ ବାଡି ଅଗଣାରେ
ଖେଳେ ସଜୀବତା
ଅଙ୍କାହୁଏ ଗୃହାଙ୍ଗନେ ଖୁସିର ମୁରୁଜ ॥

ସେ ଭରେ ମନ ଡେଣାରେ ଅୟୁତ ଉଡାଣ
ଉଜାଗରେ ସ୍ୱପ୍ନ ଦେଖି ରାତି କେତେ କାଟେ
ଉତ୍ସର୍ଗିତ ସେବା ତା'ର ଜୀବନର ବ୍ରତ
ତା ଛୁଆଁରେ ପରା ଦୁଃଖ
ଅନ୍ଧକାର ହଟେ !!

ବାସଚ୍ୟୁତ ହୋଇ କେବେ ବାସୁଥାଏ ବୋଉ
ତା ଦୁଇ ଆଖିରେ ଦିଶେ ଛଳଛଳ ନଈ
ସଞ୍ଜ ଦୀପ ଜାଳି କେବେ
ନିଜେ ଜଳୁଥାଏ
ସନ୍ତାନ ସୁଖ ମନାସେ ବିଗଳିତ ହୋଇ ॥

ହୃଦ ଯେବେ ଆନ୍ଦୋଳିତ,ଦେଖିଛ କିବାରେ
ତୁମ ପାଇଁ କିଏ ବସି ହେଉଥାଏ ଘାରି
ଆଞ୍ଜୁଳା ଆଞ୍ଜୁଳା ସ୍ନେହ ତା ପଣତେ ବନ୍ଧା
ଫୁଲ ପରି ବିଞ୍ଛି ସୁଖ ଦୁଃଖ ନିଏ ହରି !!

ପାଦରେ ଦଳିଲା ପରେ ସିଏ ପୁଣି ଫୁଟେ
ଭୁଲିଯାଏ ନିଜ ଦୁଃଖ ଜ୍ୱଳନ କ୍ଷୁଧାର
ତ୍ୟାଗ ଅବା ତିତିକ୍ଷାର ବୋଉ ପ୍ରତିରୂପ
ସତେ ସିଏ ଧରାପରେ ଜୀବନ୍ତ ଈଶ୍ୱର ॥

ବୋଉ ଡାକେ ଭରିଥାଏ ମମତାର ଫଲ୍ଗୁ
ବୋଉ ଉଚ୍ଚାରଣେ ଫୁଟେ ଖୁସି ପାରିଜାତ
ବୋଉ ଶବ୍ଦ ? ଭରା ଲକ୍ଷେ ଫୁଲର ମହକ
ବୋଉ ପାଇଁ ଜୀବନ ହିଁ ଆଲୋକେ
ଆପ୍ଲୁତ !!

*କୁଞ୍ଜବିହାରୀ ଲେନ, କଟକ*

## ଗାଆଁ ରାଜନୀତି

*ନିରଞ୍ଜନ ସାହୁ*



ଗାଆଁ ରାଜନୀତି ଭାରି କଳୁଷିତ
ନ କହିବା ବରଂ ଭଲ
ରାଜନୀତି ଯୁପ କାଠେ ବଳି ପଡି
ନିରିହେ ନିଶ୍ଚିତ ମଲ ।

ରାଜନୀତି ପାଠ ବାଟବଣା ଏଠି
ଦଳୀୟ ଭାବନା ବେଶୀ
କେତେ ବାହାରନ୍ତି କେତେ ବି ମିଶନ୍ତି
କେତେ ତ ହୁଅନ୍ତି ନେସି ।

କେତେ ସ୍ୱାର୍ଥପର ସ୍ୱାର୍ଥ ସାରିଗଲେ
ବୁଲାଇ ଦିଅନ୍ତି ମୁହଁ
କେତେ ବି ଭୋଟର ଅସନ୍ତୁଷ୍ଟ ହୋଇ
କହିଥାନ୍ତି ଆଉ ନୁହଁ ।

ଶାମ, ଦାମ ,ଦଣ୍ଡ ,ଭେଦ କେଣେ ଗଲା
ତାଙ୍କ ବ୍ୟବହାର ନାହିଁ
ରାଜନୀତି ବିଜ୍ଞାନ ଯେ ଯାହା କହେ
ତାକୁ କିଏ ମାନେ କାହିଁ ??

ଅଶିକ୍ଷିତ ଲୋକ ରାଜନୀତି କରେ
ଶିକ୍ଷିତ ନିରବ ରହେ
ନିରୀହ ଲୋକଟା କଦାପି କେବେ ବି
ପଦେ କଥା ନ କହେ ।

ଯେ ମୁହଁ ଖୋଲିଲା ଚ଼ାଲେ ଠିଆ ପାଲା
ଗାଆଁରେ ଅଶାନ୍ତି ବଢେ
ମୂର୍ଖ ଟାଉଟର ମାମଲତ ହୋଇ
ଗାଁ ପାଇଁ ଆଇନ ଗଢେ ।

ଏବେ ବହୁ ଲୋକ ନିରବ ହୋଇକି
ଖୋଲନ୍ତି ନାହିଁ ତ ମୁଖ
ମୁହଁ ଖୋଲିଦେଲେ ସବୁ ଉଜୁଡିବ
ଜୀବନେ ଭରିବ ଦୁଃଖ ।

ଧୀରେ ଧୀରେ ଲୋକେ ତ୍ରାହି ତ୍ରାହି ଡାକି
ହେଲେଣି ସହର ମୁହାଁ
ଗାଆଁରେ ଚ଼ାଷ ତ ଉଜୁଡି ଗଲାଣି
ସକାଳର କ୍ଷୀର ଦୁହାଁ ।

ରାଜନୀତିଜ୍ଞଙ୍କୁ ଦୂରରୁ ଜୁହାର
ମିଳୁ ପଛେ ତିରସ୍କାର
ସେ ତିରସ୍କାରକୁ ଭାବି ନେବା ଭଲ
ଇଏ ବଡ଼ ପୁରସ୍କାର ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ : ୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଆଶ୍ୱସ୍ତିର ପରିବାର

*ଅନସୂୟା ପଣ୍ଡା*



ମୁଁ ଶବ୍ଦ ନୁହେଁ ଶ୍ଲୋକଟିଏ
ଆବାହନୀ ମନ୍ତ୍ରଟିଏ ଆତ୍ମ ସମର୍ପଣର
ମୁଁ ବ୍ୟାପ୍ତ ରକ୍ତରୁ ଧମନୀ ଯାଏ
ସ୍ୱ ?ଦରୁ ନାଭିନାଡ ଯାଏ
ପିଢୀରୁ ପରପିଢୀଯାଏ ।

ମୁଁ ଅଭେଦ୍ୟ ଚ଼କ୍ରବ୍ୟୁହଟିଏ
ମୋହର ଆବିଳତାରେ
ଘୁଷୁରୁଥାଏ ପିତାମହଙ୍କ ପରି
ବିବାକ୍ୟରେ
ପ୍ରତିବଦ୍ଧତାରେ ଛିଡା ହେଇଥାଏ
ସୁରକ୍ଷାର ବ୍ରହ୍ମାସ୍ତ୍ରଧରି ଏରୁଣ୍ଡିର
ପରିସୀମାରେ
ଦୃଢାୟୁଧ ଆଶ୍ୱସ୍ତିର ବିତାନ
ବିଛେଇ ଥାଏ ମୁଣ୍ଡ ଉପରେ ।

ମୁଁ ନିର୍ଝରିଣୀଟିଏ ବହୁଥାଏ
ଶୀତଳତା ବାଣ୍ଟିବାର ପ୍ରୟାସରେ
ଯେତେ ଗ୍ଲାନି ସ୍ୱ ?ଦ ରକ୍ତ ଲୁହ କୋହ
ପୋଛିଦିଏ ମୋ ଆତ୍ମୀୟତାର
ପଣତରେ
ଅଭେଦ୍ୟ ପ୍ରାଚ଼ୀର ତୋଳେ ସ୍ନେହର
ଅଭିଲିପିରେ
ମୁଁ ପରିବାର ହାତରେ ହାତ ମିଳେଇ
ଠିଆ ହେଇଥାଏ
ଜାଙ୍ଗମିକ ଦୁନିଆର ଭିତରେ
ନିଃସ୍ୱାର୍ଥରେ ।

*ବୁର୍ଲା, ସମ୍ବଲପୁର,*
*୯୪୩୯୨୧୧୯୭୧*

## ସାବିତ୍ରୀ

*ଲୋପାମୁଦ୍ରା ଜେନା*



ସବୁଦିନ ପରି ସକାଳୁ ଉଠି ମୁଁ
ଚ଼ାଲିଲି ଠାକୁର ଘର ,
ଫୁଲଫଳେ ଘର ହସି ଉଠୁଥିଲା
ଖୁସିରେ ହେଲି ବିଭୋର ॥
କଦଳୀ, ନଡ଼ିଆ, ଆପେଲ, ଅଙ୍ଗୁର,
ଲିଚୁ ଓ ଖଜୁରୀ କୋଳି ,
ତାଳସଜ, ଆମ୍ବ ,ପଣସ ସତେ କି ,
ହେଉଥିଲେ କୋଳାକୋଳି ॥
ପତିଦେବଙ୍କର ମୁହଁକୁ ଚ଼ାହିଁଲି
ହସୁଥିଲେ ଦାନ୍ତ ଚ଼ିପି ,
ଟେବୁଲ ଉପରେ ନୂଆଶା ?ୀ , ଚୁଡି
ଥୋଇଦେଲେ ଲୁଚ଼ିଛପି ॥
ମାଟି ଫରୁଆର ସିନ୍ଦୂର ଡବାଟେ
ଅଳତା, ପାନିଆ, ମାଳି,
ଆରିଶି ସାଥିକୁ ବ୍ରତ ରହିଥିଲା
ଦିବ୍ୟଭାବ ଗଲା ଖେଳି ॥
କହିଲେ ମତେ ସେ ଆଉ କିମ୍ପା ଡେରି
କରୁଅଛ ପ୍ରିୟତମା ,
ସବୁ ଜିନିଷ ମୁଁ ସଜାଡି ଦେଇଛି
କର ପୂଜା ଆରାଧନା ॥
ଚ଼ାହିଁଲି ତାଙ୍କୁ ମୁଁ , ହଜିଗଲି ପୁଣି
ଭାବନା ରାଇଜେ ମୋର ,
ସାବିତ୍ରୀ ବ୍ରତର ନାମେ କେତେ କଥା
ହେଉଛି ଅପପ୍ରଚ଼ାର ॥
ଶାଢ଼ୀ ଚୁଡି ପାଇଁ ନାରୀଟିଏ କ'ଣ
କରିଥାଏ ଖାଲି ବ୍ରତ ,
ପତିଙ୍କ ମଙ୍ଗଳ କାମନା କରେ ସେ ,
ପତି ହିଁ ତା' ମହାତୀର୍ଥ ॥
ସାବିତ୍ରୀ ଆସିଲେ କବି ବନ୍ଧୁମାନେ
କେତେ ଯେ କରନ୍ତି ବ୍ୟଙ୍ଗ ,
ପରମ୍ପରାଟିଏ ପ୍ରେମ ଓ ଭକ୍ତିର
ଅପଶବ୍ଦ ନୁହେଁ ଯୋଗ୍ୟ ॥
ଭାବନାର ସୁଏ ଭାସି ଯାଇଥିଲି
ହଲାଇଦେଲେ ମୋ' ପ୍ରିୟ ,
କେଉଁ ଦୁନିଆରେ ହଜିଗଲ ତୁମେ
କୁହ ମୋ' ସାବିତ୍ରୀ , କୁହ ॥
କହିଲି ତାଙ୍କୁ ମୁଁ ନାରୀଟିଏ କ'ଣ
ଶା ?ୀ ,ଫଳମୂଳ ଚ଼ାହେଁ ,
କେମିତି କଥା ଏ ଫେସବୁକ୍ ସାରା ?
ମନରେ ଆଘାତ ଦିଏ ॥
କହିଲେ ସେ ମତେ ନାରୀଟିଏ ବିନା
ଘର କି ଲାଗଇ ଘର ,
ସକାଳରୁ ସଞ୍ଜ ତା' ହାତ ସ୍ପର୍ଶରେ
ଚ଼ାଲେ ଖୁସିର ଆସର ॥
ତିଳତିଳ ହୋଇ ଜଳି ଯାଉଥାଏ
ଧୂପପରି ନିତିପ୍ରତି ,
ଅବଶୋଷ କେବେ କରେ ନାହିଁ ମନେ
କାହିଁକି ଜଳୁଛି ନିତି ॥
ହସରେ ଖୁସିରେ ରହିଲେ ନାରୀଟି
ଘରହୁଏ ବଇକୁଣ୍ଠ ,
ଶଙ୍ଖା ସିନ୍ଦୂରରେ ଆଭୂଷଣା ହୋଇ
ପିଏ ଅମୃତ ଆକଣ୍ଠ ॥
ସବୁବେଳେ ସିଏ କରଇ କାମନା
ହସୁ ତା' ଶଙ୍ଖା ସିନ୍ଦୂର ,
ପତିର କୋଳରେ ଯାଉ ତା' ଜୀବନ
ଏତିକି ସ୍ୱାର୍ଥ ମାତର ॥
ଚ଼ାହିଁ ରହିଥିଲି ଅପଲକ ନେତ୍ରେ
ସତ୍ୟବାନଙ୍କୁ ମୁଁ ମୋର ,
ସବୁ ସତ୍ୟବାନ ଏମିତି ଭାବିଲେ
ଉଠନ୍ତା ଖୁସି ଜୁଆର ॥

*ବାଲାଜି କମ୍ପ୍ଲେକ୍ସ ,*
*ଭୁବନେଶ୍ୱର : ୭୫୧୦୦୬*

## ନିଦାଘର ବେଳା

*ନିବେଦିତା ମିଶ୍ରଗୁରୁ*



ଝରକା ଆର ପାଖେ ମୋର
ଅସୁମାରୀ କଦମ୍ବ ଫୁଲର ସମ୍ଭାର
ସକାଳୁ ଚ଼ାଲି ଅଛି
ଜୀବନରେ ସୁଖ ଦୁଃଖ ପରି
ଖରା ଆଉ ବାଦଲର
ଲୁଚ଼କାଳି ଖେଳ
ଥିରି ଥିରି ପବନରେ
କଦମ୍ବ ର ଧୀର ଦୋଳି ଖେଳ
ମିଠା ମିଠା ବାସ ଚ଼ହଟାଇ
ରଙ୍ଗ ଛାଟେ ଉଦାସପଣରେ
କରେ ମୋର ମନକୁ ବିଭୋର
ଆସିବକି ବର୍ଷା ସତେ
ସହର ମୋ
ଆତୁର ଆଜି ନିଦାଘ ଜ୍ୱାଳାରେ
ଚ଼ାରି ଆଡ ? ଉଜୁଡା ନୀଡ ଏଠି
ଅଗ୍ନିର ଲହରୀ ଖେଳେ ମନ ତଳେ
ତୁମେ କି ଜାଣିନ
କେତେଯେ ଭୋଗିଲିଣି ନିଦାଘକୁ
ସେ ବେଳା କି କେବେ
ଶେଷ ହବ ମୋର
ଆସନ୍ତ କି ମେଘ ହେଇ
ବର୍ଷି ଯାଆନ୍ତ ଭିଜାଇ ଏ
ଶୁଷ୍କ କଠିନ ମାଟିର ଜୀବନକୁ ମୋର।

*ମୁମ୍ବାଇ*




# ବିଶ୍ୱ ବାଇସାଇକେଲ୍ ଦିବସରେ ବିଶାଳ ସାଇକେଲ୍ ଶୋଭାଯାତ୍ରା

## ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠି ରହିଛି ସାଇକେଲ୍‌ର ଆଦର



ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟରେ ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠି ସାଇକେଲ୍‌ର ଆଦର ରହିଛି। ସାଇକେଲ୍ ହେଉଛି ଓଡ଼ିଆଙ୍କ ପାଇଁ ପରିବହନର ପାରମ୍ପରିକ ଓ ଲୋକପ୍ରିୟ ମାଧ୍ୟମ। ସାଧାରଣ ଲୋକର ଜୀବନଯାତ୍ରାରେ ସାଇକେଲ୍ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଅଫିସ୍ ଠାରୁ ଆରମ୍ଭ କରି ସ୍କୁଲ୍ ପିଲା ସମସ୍ତଙ୍କ ପାଇଁ ଉପାଦେୟ ହେଉଛି ସାଇକେଲ। ସାଇକେଲ୍ ବ୍ୟବହାର ଦ୍ୱାରା ଆମେ ଧ୍ୱନି, ବାୟୁ ପ୍ରଦୂଷଣକୁ କମାଇ ପାରିବା ସହ ପେଟ୍ରୋଲ୍, ଡ଼ିଜେଲ୍ ପରି ଇନ୍ଧନ ଅପଚୟକୁ ବି ରୋକିପାରିବା। ତତ୍‌ସହିତ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ସାଇକେଲ ବହନ କରିଥାଏ ବୋଲି ଗତକାଲି ବିଶ୍ୱ ସାଇକେଲ୍ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ, ଓଡ଼ିଶା ଶାଖା ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିଶ୍ୱ ସାଇକେଲ୍ ଦିବସ-୨୦୨୨କୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରେସ୍ ସୂଚନା ବ୍ୟୁରୋ, ଭୁବନେଶ୍ୱର, ଆଞ୍ଚଳିକ ଆଉଟରିଚ୍ ବ୍ୟୁରୋ, ଭୁବନେଶ୍ୱର ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ହାତ ବଢ଼ାଇଥିଲେ। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପ୍ରେସ୍ ଇନ୍‌ଫରମେସନ୍ ବ୍ୟୁରୋ କ୍ୟାମ୍ପସ ମଧ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ରୂପେ ମୁଖ୍ୟ ଅତିଥି ରୂପେ ସୈନିକ ସ୍କୁଲର ପ୍ରିନ୍ସିପାଲ କର୍ଣ୍ଣେଲ ବାଲୁ ଭରଥ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ର ସଂଗଠନର ଆଞ୍ଚଳିକ ନିର୍ଦ୍ଦେଶିକା ଗୀତା ଭଗତ, ରିଜିଓନାଲ ଆଉଟରିଚ୍ ବ୍ୟୁରୋର ଉପ୍ପି ଅଖିଳ କୁମାର ମିଶ୍ର, ଏନ୍‌ସିଏସ୍‌ସିଡ଼ିଏର ପୂର୍ବତନ ସହ-ନିର୍ଦ୍ଦେଶକ ରାମକିଶୋର ଶର୍ମା ପ୍ରମୁଖ ଯୋଗଦେଇ ସଂଗଠନର ଏତାଦୃଶ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଉକ୍ତ ସାଇକେଲ୍ ଶୋଭାଯାତ୍ରାରେ ପାଖାପାଖି ୪ଶହରୁ ଊର୍ଦ୍ଧ୍ୱ ଯୁବକ, ଯୁବତୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିପିନ କୁମାର, ଆକାଉଣ୍ଟସ୍ ଅଧିକାରୀ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସନ୍ତୋଷୀ ନଗର ବର୍ଷାଜଳ ନିଷ୍କାସନ ସମସ୍ୟା: ତୁରନ୍ତ ପଦକ୍ଷେପ ନେବାକୁ ଭାରତ ପେଟ୍ରୋଲିୟମ ଡିପୋକୁ ପାରାଦୀପ ପୌରାଧ୍ୟକ୍ଷଙ୍କ ନିର୍ଦ୍ଦେଶ

ପାରାଦୀପ (ପିଏନ୍)– ପାରାଦୀପ ଉପକଣ୍ଠ ବାଲିଝରା ନିକଟସ୍ଥ ସନ୍ତୋଷୀ ନଗର ବସ୍ତି ବାସିନ୍ଦା ଅସରାଏ ବର୍ଷା ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା ଜଳ ନିଷ୍କାସନ ହୋଇ ନପାରିବାରୁ ଲୋକମାନଙ୍କ ଘରେ ବର୍ଷାଜଳ ପ୍ରବେଶ କରୁଥିଲା। ଏହି ସମସ୍ୟାକୁ ସାମ୍ନା କରି ଅତି କଷ୍ଟରେ ଚଳୁଥିଲେ ସନ୍ତୋଷୀ ନଗର ବସ୍ତି ବାସିନ୍ଦା। ଜଳବନ୍ଦୀରେ ରହି ବର୍ଷା ଦିନରେ ପରିବାର ସହ ଚଳୁଥିଲେ। ଏହି ସମସ୍ୟାର ସମାଧାନ କରିବା ପାଇଁ ବସ୍ତିବାସିନ୍ଦା ଦାବୀ କରି ଆସୁଥିଲେ। ଆଗକୁ ବର୍ଷା ଦିନ ଆସୁଛି ଲୋକମାନଙ୍କର ଏହି ସମସ୍ୟାକୁ ପ୍ରାଥମିକତା ଦେଇଛି ପାରାଦୀପ ପୌରପାଳିକା। ପୌର ନିର୍ବାଚନ ପରେ ପାରାଦୀପ ପୌରପାଳିକାର ନବନିର୍ବାଚିତ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ବସ୍ତିର ଲୋକମାନଙ୍କୁ ଜଳବନ୍ଦୀରୁ ମୁକ୍ତି ଦେବା ପାଇଁ ସେଠାରେ ପହଂଚିଥିଲେ। ବସ୍ତି ଅଂଚଳ ବୁଲି ଦେଖିବା ସହ ଜଳପଥ ଅବରୋଧ ସ୍ଥାନକୁ ଯାଇଥିଲେ। ବର୍ଷାଜଳ ନିଷ୍କାସନର ପଥ ଭାରତ ପେଟ୍ରୋଲିୟମର ତୈଳ ଡିପୋ ମଧ୍ୟରେ ଥିବା ରେଳ ଲାଇନ୍ ତଳେ ଏହା ପୋତି ହୋଇଯାଇଥିବା ଶ୍ରୀ ବିଶ୍ୱାଳ ଦେଖିବାକୁ ପାଇଥିଲେ। ଏହାପରେ ସେ ଭାରତ ପେଟ୍ରୋଲିୟମ ତୈଳ ଡିପୋର ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ। ଏହି ସମସ୍ୟା ସମ୍ପର୍କରେ ଭାରତ ପେଟ୍ରୋଲିୟମ ତୈଳ ଡିପୋ କାର୍ଯ୍ୟାଳୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବର୍ଷା ଆରମ୍ଭ ପୂର୍ବରୁ ଯୁଦ୍ଧକାଳୀନ ଭିତିରେ ଏହି ବର୍ଷାଜଳ ଅବରୋଧ ପଥକୁ ହଟାଇ ଜଳ ନିଷ୍କାସନ ପଥକୁ ସୁଗମ କରି ସନ୍ତୋଷୀ ନଗରକୁ ଜଳବନ୍ଦୀରୁ ମୁକ୍ତ କରିବାକୁ ଶ୍ରୀ ବିଶ୍ୱାଳ କହିଥିଲେ। ଭାରତ ପେଟ୍ରୋଲିୟମ ତୈଳ ଡିପୋର ଅଧିକାରୀ ଏହି କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ପ୍ରତିଶୃତି ଦେଇଥିବା ଜଣାପଡିଛି। ସେହିପରି ପାରାଦୀପକୁ ଜିନ୍ଦଲ କମ୍ପାନୀର ଦୋହରା ରେଳଲାଇନ୍ ଯୋଗୁଁ ବାଉରିଆ ପାଳନ୍ଦା ବସ୍ତି ପାଇଁ ଜଳବନ୍ଦୀ ସମସ୍ୟା ଦୂରୀକରଣ ନିମନ୍ତେ ବର୍ଷାଜଳ ନିଷ୍କାସନ ପଥକୁ ସୁଗମ କରିବା ପାଇଁ କଲଭର୍ଟ ନିର୍ମାଣ କରିବାକୁ ଜିନ୍ଦଲ କମ୍ପାନୀ ଅଧିକାରୀଙ୍କୁ ପୌରାଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ଏହି ପଦକ୍ଷେପକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି

—ସ୍କାଉଟ ଗାଇଡ୍—

# ବିଶ୍ୱ ପାଚକ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ମେ' ମାସ ୨୯ ତାରିଖ ଦିନଟି ବିଶ୍ୱ ପାଚକ ଦିବସ ରୂପେ ପାଳିତ ହେଉଛି। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି ଦିବସର ଅବ୍ୟହିତ ପୂର୍ବରୁ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଏବଂ ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର କେୟାର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଜନସାଧାରଣଙ୍କୁ ଅନ୍ତନଳି କ୍ୟାନ୍ସର ସମ୍ବନ୍ଧିୟ ସଚେତନ କରିବା ପାଇଁ ଏକ ସଭା ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର, ସ୍କାଉଟ ମାଷ୍ଟର ଏବଂ ଗାଇଡ କ୍ୟାପଟେନମାନେ ଯୋଗଦେଇଥିଲେ। ଏହି ସଭାର ମୁଖ୍ୟ ଅତିଥି ଡଃ. ମନୋଜ କୁମାର ସାହୁ ପିଲାମାନଙ୍କୁ ଅନ୍ତନାଳୀ କ୍ୟାନ୍ସର କଣ, କଣ ପାଇଁ ଏହି ରୋଗ ହୁଏ ଏବଂ ଏହାର ନିରାକରଣ ଓ ସଚେତନତା ବିଷୟରେ ବିସ୍ତୃତ ଭାବରେ ପିଲାମାନଙ୍କୁ ଅବଗତ କରାଇଥିଲେ। ସମ୍ମାନୀତ ଅତିଥି ଭାବରେ ଅଧ୍ୟକ୍ଷ, ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର କେୟାର ଫାଉଣ୍ଡେସନ ପ୍ରଫେସର ଏସ୍.ପି. ସିଂହ ମଧ୍ୟ ଅନୁରୂପ ଭାବରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଗଠନର ସମସ୍ତ ଅଧିକାରୀ ତଥା ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର କେୟାର ଫାଉଣ୍ଡେସନର ବହୁ ପଦାଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ।

# ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ

ବାଲେଶ୍ୱର (ପିଏନ୍)– ତମାଖୁମୁକ୍ତ ଓଡ଼ିଶା ଅଭିଯାନ ପକ୍ଷରୁ ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଜିଲ୍ଲା ସଂଯୋଜକ ଉବାଚକ ମହାନ୍ତିଙ୍କ ସଭାପତିତ୍ୱରେ ସ୍ଥାନୀୟ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଅନିଲ ମହାନ୍ତି ଯୋଗଦେଇ ତମାଖୁ ବ୍ୟବହାର ଦ୍ୱାରା ହେଉଥିବା ରୋଗ ସମ୍ପର୍କରେ ଆଲୋଚନା କରିବା ସହ ତମାଖୁ ସେବନ ବନ୍ଦ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ମ୍ୟାନେଜର ଏଲ୍‌ସିଡ଼ି ମୌସୁମୀ ସାମଲ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୋଟପା ଆଇନରେ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ୧୦୦ରୁ ଅଧିକ ଉପସ୍ଥିତ ବ୍ୟକ୍ତି ପୋଷ୍ଟକାର୍ଡ଼ ମାଧ୍ୟମରେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ପରିଡା, ସ୍ମୃତିପ୍ରଭା ଦାସ ଓ ଦିପ୍ତୀଜ୍ୟୋତୀ ଗୟା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନିଜ ନିଜର ବକ୍ତବ୍ୟ ଦେଇଥିଲେ।

# ୧୮୫୮ର ସହିଦ ସଂଗ୍ରାମୀ ଶୁଟି ବିଶ୍ୱାଳ



ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଜୀବନକୁ ବଳି ପକେଇଥିବା ସଂଗ୍ରାମୀମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର ସହିଦ ସଂଗ୍ରାମୀ ଶୁଟି ବିଶ୍ୱାଳଙ୍କ ବୀରତ୍ୱ ଉଦାହରଣ-ଯୋଗ୍ୟ। ଏହି ପରିପ୍ରେକ୍ଷୀରେ ଅନେକ ବ୍ୟକ୍ତିତ୍ୱ ଯେଉଁମାନେ କୌଣସି କାରଣରୁ ଇତିହାସ ପୃଷ୍ଠାରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ ଚାଲିଛି। ଓଡିଶାର ଯାଜପୁର ଜିଲ୍ଲାର ବରୀ ଧୋୟା ଅଞ୍ଚଳରେ ସହିଦ ସଂଗ୍ରାମୀ ଶୁଟି ବିଶ୍ୱାଳଙ୍କ ଜନ୍ମ ୧୪ ଫେବୃଆରୀ ୧୮୦୬ରେ। କଥା ୧୮୫୭ ମସିହାର ଇଷ୍ଟ ଇଣ୍ଡିଆ କମ୍ପାନୀ ଚାଷୀମାନଙ୍କ ଉପରେ ଅଧିକରୁ ଅଧିକ ଟିକସ ବଢାଇ ଚାଲିଥାନ୍ତି। ଫଳରେ ଚାଷୀ, ମୂଲିଆ ତଥା ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥାଏ। ଯାଜପୁରର ଜମିଦାରମାନଙ୍କ ନେତୃତ୍ୱରେ ଇଂରେଜ ମାନଙ୍କ ବିରୁଦ୍ଧରେ ୧୮୫୭ ମସିହାରେ ଉପକୂଳ ଓଡିଶାରେ ଆରମ୍ଭ ହୋଇଥିବା ସଶସ୍ତ୍ର ସଂଗ୍ରାମରେ ରାମକୃଷ୍ଣ ସାମନ୍ତସିଂହାର ଓ ସାଥୀଗଣ ନେତୃତ୍ୱ ଗ୍ରହଣ କରିଥିଲେ। ଜମିଦାର ଓ ଚାଷୀମାନଙ୍କର ସଂଗ୍ରାମ ଏତେ ପ୍ରଚଣ୍ଡ ଥିଲା ଯେ, ଇଂରେଜମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଇଂରେଜ ସରକାର ଆନ୍ଦୋଳନକାରୀମାନଙ୍କୁ କଳାପାଣି ପଠାଇ ଦେଇ ସମ୍ପତ୍ତି ବାଜ୍ୟାପ୍ତ କରିଥିଲେ। ଅବଶ୍ୟ ୧୮୫୮ ମସିହାରେ ଯେତେବେଳେ ଦେଶରେ ଆନ୍ଦୋଳନ ଭୟଙ୍କର ରୂପନେଲା ସେତେବେଳେ ଇଂଲଣ୍ଡର ମହାରାଣୀଙ୍କ ରାଜକ୍ଷମା ବଳରେ ସମସ୍ତେ ଜେଲରୁ ମୁକ୍ତି ପାଇବା ସହ ଧନସମ୍ପତ୍ତି ଫେରି ପାଇଥିଲେ। କିନ୍ତୁ ଗିରଫ ହୋଇ ନ ଥିବା ସଂଗ୍ରାମୀଙ୍କ ଭିତରୁ ବର୍ତ୍ତମାନର ଯାଜପୁର ଜିଲ୍ଲାର ରିଶିପୁର ଦେବିଲର ସଂଗ୍ରାମୀ ଯୁବକ ଶୁଟିଙ୍କୁ କେହି ଧରିପାରିନଥିଲେ। ଶୁଟି ବିଶ୍ୱାଳ ଇଂରେଜ ସେନାଙ୍କ ଆଖିରେ ଧୂଳି ଦେଇ ଇଂରେଜ ବିରୁଦ୍ଧରେ ଲୁଚିଛପି ଅତର୍କିତ ଆକ୍ରମଣ ଜାରି ରଖିଥିଲେ। ସେ ବାଲିଆ (ଅଭିମନ୍ୟୁ ସାମନ୍ତସିଂହାର)ର ଜମିଦାର ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଦୂତଭଳି କାମ କରୁଥିଲେ। ଶୁଟି ବିଶ୍ୱାଳ ଇଂରେଜମାନଙ୍କ ଚାଲିଚଳନ ଉପରେ ନଜର ରଖୁଥିଲେ ଓ ଗାଆଁ ଗାଆଁ ବୁଲି ସଭାସମିତି ଆୟୋଜନ କରି ଇଂରେଜମାନଙ୍କ ଅତ୍ୟାଚାର ବିରୁଦ୍ଧରେ ସଶସ୍ତ୍ର ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉ ଥିଲେ।

ଏପଟେ ଯାଜପୁର ସବ୍‌ଡିଭିଜନ ଓ ସେପଟେ କଟକ ଜିଲ୍ଲା ମହକୁମା ମଝିରେ ତାଙ୍କର ପ୍ରଭାବ ଥିଲା। ବ୍ରାହ୍ମଣୀ ନଦୀର ଉପନଦୀ କାଣି ଓ ଖରସ୍ରୋତାର ଧୋୟା ଅଞ୍ଚଳରେ ଶୁଟି ବିଶ୍ୱାଳ ମେଳି କରୁଥିଲେ, ଚାଷୀ, ମୂଲିଆ ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କୁ ନେଇ। ସେ ଇଂରେଜ ଶାସନର କର୍ମଚାରୀମାନଙ୍କ ଉପରେ କେବଳ ଅତର୍କିତ ଆକ୍ରମଣ କରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁ ନ ଥିଲେ ବରଂ ଇଂରେଜମାନଙ୍କର ନିଦ ହଜେଇ ଦେଇଥିଲେ। ସେ କୌଣସି ଘଟଣା ଘଟେଇ ରଣପା ସାହାଯ୍ୟରେ ଆଖିପିଛୁଳାକେ ଅନ୍ତର୍ଦ୍ଧାନ ହୋଇଯାଉଥିଲେ। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ସେ ରଣପା ଦ୍ୱାରା ବିଲ, ବାଡି, ଗହିର ନଦୀ ପାର ହୋଇ ବାଲିଆ ପର୍ଯ୍ୟନ୍ତ ପଳାଉଥିଲେ। ଏମିତି ଦିନେ ଇଂରେଜ ସିପାହୀ ଦୁଇଜଣ ତାଙ୍କୁ ଧରିବା ପାଇଁ ବାଲିଆ ଆସି ସେ ନିତ୍ୟକର୍ମ କରିବା ଅବସ୍ଥାରେ ଧରିପକାଇଥିଲେ। କୌଣସି ଉପାୟ ନପାଇ ଦୁଇଜଣ ସିପାହୀଙ୍କୁ ଶୁଟି ନିଜର ବଳିଷ୍ଠ ବାହୁ ମଧ୍ୟରେ ଚାପିଦେଇ ମାରିଦେଲେ। ଏକଥା ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବାପରେ ଇଂରେଜ ଶାସକ ମର୍ମାହତ ହେଲେ। ଇଂରେଜମାନେ ଚାହୁଁ ନ ଥିଲେ, ଏପରି ଘଟଣାର ପୁନରାବୃତ୍ତି ଘଟୁ। ତେଣୁ ହତ୍ୟା ଅଭିଯୋଗରେ ତାଙ୍କୁ ପ୍ରଥମେ ଗିରଫ କରି କଟକ ନିଆଗଲା। ତେରଦିନ ପରେ ଇଂରେଜଙ୍କ ମିଥ୍ୟା ମକଦ୍ଦମା ଓ ବିଚାର ଯୋଗୁ ତରବରିଆ ଭାବରେ ୧୭ ଜୁନ ୧୮୫୮ରେ ଛତିଶ ଦେବିଲରେ ନିଜ ପରିବାର ଓ ଗ୍ରାମବାସୀଙ୍କ ସମ୍ମୁଖରେ ତାଙ୍କୁ ଫାଶୀ ଦିଆଯାଇଥିଲା।

ସହିଦ ସଂଗ୍ରାମୀ ଶୁଟି ବିଶ୍ୱାଳଙ୍କୁ ଫାଶୀ ଦିଆଯାଇଥିବା ବୀରତ୍ୱର ମୂକ ସାକ୍ଷୀ ରହିଛି ଫାଶୀପଡିଆ। ରାଜ୍ୟ ସରକାରଙ୍କ ନିକଟରେ ସହିଦ ଶୁଟି ବିଶ୍ୱାଳଙ୍କ ସଂପର୍କରେ ତଥ୍ୟ ଅଛି କି ନାହିଁ, ଜଣାନାହିଁ ମାତ୍ର ବରୀ ଅଞ୍ଚଳର ଛତିଶ ଦେବିଲ ଅଞ୍ଚଳରେ ବିଗତ ୧୬୫ ବର୍ଷ ହେଲା ଶେଷରଜ ପରଦିନ ଘର ଅରନ୍ଧା, ଅବଢା ରହେ ଓ ଲୋକ ଉପବାସ ପାଳନ କରନ୍ତି।

**ପ୍ରକାଶ ନାୟକ**, ଗୁରୁଗ୍ରାମ, ନୂଆଦିଲ୍ଲୀ, ମୋ-୭୮୨୭୧୭୩୨୬୯

# ଲୋକନାଥ ଚୌଧୁରୀ ସ୍ମୃତି ସମାରୋହ

ଭୁବନେଶ୍ୱର (ପିଏନ୍)–ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ମହାରଥୀ, ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ, ଲୋକସଭାରେ ସିପିଆଇର ଉପନେତା, ବିଧାନସଭାରେ ପାର୍ଟିର ଦଳପତି ତଥା ବିଶିଷ୍ଟ ଜନନେତା ଲୋକନାଥ ଚୌଧୁରୀଙ୍କ ୧୯ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଡ. ଅମିୟ ମହାନ୍ତି, ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁର ଜେନା ଓ ଜୟନ୍ତ ଦାସ ଏବଂ ଅବସରପ୍ରାପ୍ତ ଆଇଏଏସ ସୁରେଶ ଚନ୍ଦ୍ର ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ– ଲୋକନାଥ ଚୌଧୁରୀ ଛାତ୍ର ଜୀବନରୁ ବ୍ରିଟିଶ ଗୋଲାମୀର ପ୍ରତୀକ ୟୁନିୟନ ଜ୍ୟାକ୍ ପତାକାକୁ ରେଭେନ୍ସା କଲେଜ ପରିସରରୁ ଓହ୍ଲାଇ ଆଣିବାର ଐତିହାସିକ ଆନ୍ଦୋଳନର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନରେ ମଧ୍ୟ ସାମିଲ ହୋଇଥିଲେ। ୧୯୭୪ରେ ନନ୍ଦିନୀ ଶତପଥୀଙ୍କ ସଂଖ୍ୟାଲଘୁ ସରକାର ସିପିଆଇର ୭ଜଣ ଏମଏଲଏଙ୍କ ସମର୍ଥନରେ ଚାଲିଥିବା ବେଳେ ଲୋକନାଥ ଚୌଧୁରୀଙ୍କ ସମର୍ଥନ ପ୍ରତ୍ୟାହାର ଧମକ ଫଳରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ଦରମା ସମ୍ଭବ ହୋଇଥିଲା। ସେ ୧୯୯୦ ଦଶକରେ ସାଂସଦ ଥିବାବେଳେ ପାର୍ଲାମେଣ୍ଟରେ ଧାରଣା ନୋଟିସ ଦେବାରୁ କେବିକେ ଯୋଜନା ପ୍ରଣୟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇସ୍‌କ ଫର ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀ, ଶିକ୍ଷକ ମହାସଂଘ ସଭାପତି ନିକୁଞ୍ଜ କିଶୋର ମହାନ୍ତି, ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥ, ବ୍ୟାଙ୍କ କର୍ମଚାରୀ ନେତା ପ୍ରଫୁଲ୍ଲ ତ୍ରିପାଠୀ ଓ ନୂଆଦୁନିଆର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଲୋକନାଥ ଚୌଧୁରୀଙ୍କ ତ୍ୟାଗ ଓ ସଂଗ୍ରାମମୟ ଜୀବନୀ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ପ୍ରତି ସାମ୍ପ୍ରଦାୟିକ ଫାସିବାଦର ବିପଦ ବିରୁଦ୍ଧରେ ସମସ୍ତ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ବହୁସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ।

# କେନ୍ଦ୍ର ସରକାର "କୋଭିଡ୍ ଆୟୋଗ" ଓ କୋଭିଡ୍ ମୃତକଙ୍କୁ ଚାରିଲକ୍ଷ ଅନୁକମ୍ପା ଦେବାକୁ ଦାବୀ କଲା ଯୁବକଂଗ୍ରେସ

ଯାଜପୁର (ପିଏନ୍): ମହାମାରୀ କୋଭିଡ୍‌ରେ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଆମ ଦେଶ ମଧ୍ୟ ବ୍ୟାପକମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ମହାମାରୀ କୋଭିଡ୍‌ରେ ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବାବେଳେ ଅନେକ ପରିବାର ନିଶ୍ଚିହ୍ନ ହୋଇଯାଇଛନ୍ତି। କୋଭିଡ୍ କାଳରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋଭିଡ୍‌ରେ ମୃତକଙ୍କ ସଂଖ୍ୟାକୁ ନେଇ ତାଳମେଳ ନଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ମୋଦି ସରକାର ଆମ ଦେଶରେ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ୪.୮ ଲକ୍ଷ ଦର୍ଶାଇଥିବା ବେଳେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏହାକୁ ୪୭ଲକ୍ଷ ବୋଲି ଦର୍ଶାଇଛି। ଯାହାକି ମୋଦି ସରକାରଙ୍କ ଅପାରଗତାକୁ ପଦାରେ ପକାଇଦେଇଛି। ଏହାକୁ ନେଇ ଜିଲ୍ଲା ଯୁବକଂଗ୍ରେସର ସଭାପତି ସନ୍ତୋଷ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ରସରକାରଙ୍କ ଅପାରଗତା ସଂପର୍କରେ ଶ୍ରୀ ବେହେରା କହିବା ସହ ପ୍ରକୃତ କୋଭିଡ୍ ମୃତ୍ୟୁସଂଖ୍ୟାକୁ ସାମ୍ନାକୁ ଆଣିବା ନିମନ୍ତେ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଦାବୀ କରିଛନ୍ତି। ଏଥିସହିତ ମୃତକ ପରିବାରଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମଧ୍ୟ ଦାବୀ ରଖିଛନ୍ତି। ଏବେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଆସିବା ପରେ ସରକାର କୋଭିଡ୍ ମୃତକଙ୍କ ସଂଖ୍ୟା ଲୁଚାଇଥିବା ଓ ବ୍ୟାପକ କୋଭିଡ୍ ସହାୟତା ପାଣ୍ଠି ହେରଫେର କରିଥିବା ସ୍ପଷ୍ଟ ଜଣାପଡିଛି। ଏଣୁ ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପାଇଁ ସରକାର ସବୁ ଦଳର ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ବୈଠକରେ ଦାବୀ ହୋଇଛି। ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ସଂଗ୍ରାମ ଜେନା, ସରୋଜ ନାୟକ, ସଂଗ୍ରାମ ସାହାଣୀ, ଅରଜିତ ନାୟକ, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ଶରଦେନ୍ଦୁ ପତି, ସୁନିଲ ନାୟକ, ଅନିତା ସାହୁ ପ୍ରମୁଖ ଯୁବକଂଗ୍ରେସର କର୍ମୀମାନେ ଯୋଗଦେଇଥିଲେ।

# ବିଶ୍ୱ ବାଇସାଇକେଲ ଦିବସ ଉପଲକ୍ଷେ ଆହ୍ୱାନ କମ୍ବାଇନ୍ସର ସାଇକେଲ ରାଲି

ପାରାଦୀପ (ପିଏନ୍)– ଶାରୀରିକ ସୁସ୍ଥତା ଓ ସର୍ବଦା ଫିଟ୍‌ନେସର ପ୍ରୋତ୍ସାହନ ପାଇଁ ପ୍ରତିବର୍ଷ ଜୁନ ୩ ତାରିଖରେ ବିଶ୍ୱ ସାଇକେଲ ଦିବସ ପାଳନ କରାଯାଏ। ଏହି ଦିବସ ଉପଲକ୍ଷେ ପାରାଦୀପର ଅଗ୍ରଣୀ ସାମାଜିକ ସଂଗଠନ ଆହ୍ୱାନ କମ୍ବାଇନ୍ସ ପକ୍ଷରୁ ଶୁକ୍ରବାର ଦିନ ସଉଭିକ ଫାଉଣ୍ଡେସନ ମିଳିତ ସହଯୋଗରେ ଏକ ସାଇକେଲ ରାଲି ଆୟୋଜିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍. ସୋନ୍ଧି ଓ ହିସାବ ନିରୀକ୍ଷକ ପି.କେ. ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲି ବନ୍ଦର ସହର ପରିକ୍ରମା କରି ସମୁଦ୍ର ବେଳାଭୂମି ବାଲିଯାତ୍ରା ପଡିଆଠାରେ ସମାପ୍ତ ହୋଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଚାଲିବା ଏବଂ ସାଇକେଲ ଚଲାଇବା ସ୍ୱାସ୍ଥ୍ୟ ପାଇଁ ବେସ ଉପଯୋଗୀ ଓ ଶରୀରକୁ ସର୍ବଦା ଫିଟ୍ ରଖିଥାଏ। ତେବେ ଆହ୍ୱାନ କମ୍ବାଇନ୍ସର ଏହି ପଦକ୍ଷେପକୁ ବେଶ୍ ପ୍ରଶଂସା କରାଯାଇଛି। ସୂଚନାଥାଉ କି, ଆହ୍ୱାନ କମ୍ବାଇନ୍ସ ନିରନ୍ତର ଭାବେ ବିଭିନ୍ନ ସମୟରେ ବିନା ଶୁଳ୍କରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା, ଔଷଧ ବଣ୍ଟନ, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ରିଲିଫ ବଣ୍ଟନ ଇତ୍ୟାଦି ଜନହିତକର କାର୍ଯ୍ୟ କରିଆସୁଛି।

# ଖଣି ମାଲିକଙ୍କ ଦୌରାତ୍ମ୍ୟ: ସ୍ଥିତିବାନ ଜମିରେ ରାସ୍ତା ଓ ଜମି ଜବରଦଖଲ ନେଇ ଅଭିଯୋଗ

ଖୋର୍ଦ୍ଧା (ପିଏନ୍)–ଖୋରଧା ଜିଲ୍ଲା ବେଗୁନିଆ ତହସିଲ ଅଧିନସ୍ଥ ମୌଜା ଡ଼ଙ୍ଗରପଡ଼ା, ଖାତା ନଂ.୨୪୪, ପ୍ଲଟ ନଂ. ୧୨୪୫, ଏରିଆ-ଏ୦.୮୩୦ଡ଼ି. ଏକ ବଗାୟତ ଜମି ଅଛି। ଉକ୍ତ ବଗାୟତ ଜମିଟି କାଲୁଟୁଆ ପାହାଡ଼ ପ୍ଲଟ ନଂ.୧୨୪୭, ୧୨୩୭, ୧୫୧୭ ପାଦଦେଶରେ ଅବସ୍ଥିତ। ଅଭିଯୋଗକାରୀ ରାଧିକା ରଂଜନ ରାଉତରାୟଙ୍କ କହିବା ଅନୁଯାୟୀ ତାଙ୍କ ପିତା ଜଣେ ସରକାରୀ ଚାକିରିଆ ହୋଇଥିବା ବେଳେ ମା' ଅସୁସ୍ଥତା କାରଣରୁ ତାଙ୍କ ଅଜାଙ୍କ ନାମରେ ଥିବା ବଗାୟତ ପ୍ଲଟ୍ ୧୨୪୫ରେ ତାଙ୍କ ବିନା ପରାମର୍ଶରେ ଖଣି ନିଲାମଧାରୀ ବ୍ୟକ୍ତିମାନେ ଜୋର ଜବରଦସ୍ତ ସେହି ଜମିରେ ରାସ୍ତା କରି ଯାତାୟାତ କରିବା ସହ ପାହାଡ଼ର ମାଟି ଆଣି ଗଦାକରି ରଖିଛନ୍ତି। ଉକ୍ତ ଜମିରେ ଥିବା ଆମ୍ବ, ପଣସ, କାଜୁ ଓ ଶିଶୁ ଗଛଗୁଡ଼ିକୁ ମେସିନ ଦ୍ୱାରା କାଟି ନେଇଯାଇଛନ୍ତି। ଏ ସମ୍ପର୍କରେ ବିଗତ ଦିନରେ ସେ ଜନଶୁଣାଣି ସମୟରେ ତାଙ୍କର ଜମି ଥିବା ନେଇ ଲିଖିତ ଭାବରେ ଜଣାଇବା ସହ ଜାଗା ନଷ୍ଟ ହେବା ସମ୍ପର୍କରେ ମଧ୍ୟ ଲିଖିତ ଭାବରେ ଶ୍ରୀଜଗନ୍ନାଥ ତହସିଲ କାର୍ଯ୍ୟାଳୟ ଜଟଣୀରେ ମଧ୍ୟ ଅଭିଯୋଗ କରିଥିଲେ। ସେଥିରେ କିଛି ସୁଫଳ ନ ମିଳିବାରୁ ତା.୦୯.୦୩.୨୦୨୨ ରିଖରେ ଖୋରଧା ଉପଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଲିଖିତ ଭାବରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପୁରୀ ବିଜ୍ଞାପନ ସଂଖ୍ୟା–୮୫୧୪, ତା୦୮.୦୮.୨୦୧୭ ରିଖରେ ଉଲ୍ଲେଖ ରହିଛି ଯେ, ଆବେଦନ ଜମି ଲିଜ୍‌ର ପାର୍ଶ୍ୱବର୍ତୀ ଜମି ଯଦି ରୟତି ହୋଇଥାଏ ତେବେ ସେହି ଜମି ମାଲିକଙ୍କ ସହମତି ନେବା ଆବଶ୍ୟକ। କିନ୍ତୁ ଖଣି ନିଲାମଧାରୀମାନେ ଏ ସମ୍ପର୍କରେ କୌଣସି ସହମତି ନେଇନାହାଁନ୍ତି। ଏଣୁ ତାଙ୍କ ଅଜାଙ୍କ ନାମରେ ଥିବା ଉକ୍ତ ବଗାୟତ ଜମିର ସୁରକ୍ଷା ପ୍ରଦାନ କରାଯିବା ସହିତ ଖଣି ଲିଜ୍‌ଧାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରଶାସକ ଶ୍ରୀମନ୍ଦିର ପୁରୀ, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ, କଟକ, ଜିଲ୍ଲାପାଳ, ଖୋରଧା, ଉପଜିଲ୍ଲାପାଳ, ଖୋରଧା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଖୋରଧା ଏବଂ ବେଗୁନିଆ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଜେପି ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପକ୍ଷ ପାଳନ

କେନ୍ଦ୍ରାପଡ଼ା,(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ଅଷ୍ଟମ ବର୍ଷ ର ସୁଶାସନ ପର୍ତି ଉପଲକ୍ଷେ କମଳ ଭବନ ପରିସରରେ ମହାକାଳପଡ଼ା ବିଧାନସଭା କ୍ଷେତ୍ର ର ୨୬ ନମ୍ବର ଯୋନ ର ଶତାଧିକ କାର୍ଯ୍ୟକର୍ତା ମାନଙ୍କୁନେଇ ବିଜେପି ରାଜ୍ୟ ସଂଯୋଜକ ପବିତ୍ର ପରିଡା ଙ୍କ ସଭାପତିତ୍ୱ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭୁବନେଶ୍ୱର ବିଜେପି ପ୍ରଭାରୀ ତଥା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଜସ୍ୱଶୀ ନେତା ପ୍ରଫେସର ଭୁବନ ମୋହନ ଜେନା ଯୋଗଦେଇ ମୋଦି ଜୀ ଙ୍କ ସଫଳତା ର ବାର୍ତା ଓ ସୁଶାସନ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାର କେନ୍ଦ୍ରରେ ୮ ବର୍ଷ ପୂରଣ କରିଛି କ୍ଷ ଏହି ଆଠ ବର୍ଷରେ ପୂର୍ବର କଂଗ୍ରେସର ଜାତିଆଣବାଦୀ ରାଜନୀତି, ବଂଶବାଦ, ଦୁର୍ନୀତି ଓ ତୁଷ୍ଟୀକରଣର ଅବସାନ ଘଟାଇ ଦେଶର ବିକାଶ,ଏକତା, ଅଭିବୃଦ୍ଧି ଓ ଜାତୀୟତାର ରାଜନୀତିର ଆତ୍ମବିଶ୍ୱାସ ସୃଷ୍ଟି କରିଛି କ୍ଷ ଏଥି ସହିତ ଗରିବଙ୍କ ଠାରୁ ଆରମ୍ଭ କରି ଅନଗ୍ରସର ଶ୍ରେଣୀ, ଦଳିତ, ସଂଖ୍ୟାଲଘୁ, ଆଦିବାସୀ, ଅତ୍ୟାଚାରିତ ବର୍ଗ, ମହିଳା ଓ ଯୁବବର୍ଗଙ୍କୁ ସଶକ୍ତିକରଣ କ୍ଷେତ୍ରରେ ଅଭୁତପୁର୍ବ ପରିବର୍ତନ ଆଣିପାରିଛି ବୋଲି ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କୁହାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା,ଅଲେଖ କୁମାର ଜେନା, ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ମହମ୍ମଦ ସଲିମ ଖାଁ, ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା,ଉପିନ ରାଉତ, ଜିଲ୍ଲା ମିଡ଼ିଆ ସେଲ ପ୍ରମୁଖ ନେହେରୁ କୁମାର ସାହୁ ସାଧାରଣ ସଂପାଦକ ସରୋଜ କାନ୍ତ ନାୟକ,ଅଭିମନ୍ୟୁ ଗୋଛାୟତ,ଶଶାଙ୍କ ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।ଜିଲ୍ଲା ସଭାପତି ଶ୍ରୀ ପଣ୍ଡା ନିଜ ବକ୍ତ୍ୟବରେ ଦେଶ ବର୍ତମାନ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା ସମୟରେ ଦେଶର ୧୩୫ କୋଟି ଜନତାଙ୍କ ପ୍ରତି ମୋଦିଜୀଙ୍କ ପ୍ରତିଶୃତିବଦ୍ଧତା, ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାଦ୍ୱାରା ଦେଶରେ ଅନେକ ସମସ୍ୟାର ସମାଧାନ ହୋଇପାରିଛି କ୍ଷ ବିଗତ ଆଠ ବର୍ଷରେ ଆମ ଦେଶରେ ଦାରିଦ୍ର୍ୟ ହାର ୨୨%ରୁ ୧୦%ହ୍ରାସ ପାଇଛି କ୍ଷ ଆହୁରି ମଧ ଏହି ସମୟରେ ଉତ୍କଟ ଦାରିଦ୍ର୍ୟ ଦେଶରୁ ୧% ତଳକୁ ଅଛି ଏବଂ ଏବେ ୦.୮% ରେ ସ୍ଥିର ରହିଛି କ୍ଷ ଦେଶର ମୁଣ୍ଡପିଛା ଆୟ ଦ୍ୱିଗୁଣିତ ହୋଇଥିବା ବେଳେ ଦେଶର ବୈଦେଶିକ ମୁଦ୍ରାର ପରିମାଣ ଦୁଇଗୁଣ ବଢିଛି କ୍ଷସ୍ୱାଧୀନତାର ୭୦ ବର୍ଷ ମଧରେ ଦେଶରେ ୬.୩୭ ଲକ୍ଷ ପ୍ରାଥମିକ ସ୍କୁଲ ନିର୍ମିତ ହୋଇଥିଲା ବେଳେ ଗତ ଆଠ ବର୍ଷ ମଧରେ ୬.୩୫ଲକ୍ଷ ନିର୍ମାଣ ହୋଇଯାଇଛି କ୍ଷ ଏଥିସହିତ ଦେଶର ସ୍ୱାକ୍ଷରତା ହାର ୬%ବଢିଛି କ୍ଷ ସେହିପରି ୨୦୧୨-୧୩ ରେ ଆମର ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୨୫୫ ନିୟୁତ ଟନ ଥିଲାବେଳେ ୨୦୨୧-୨୨ରେ ଏହା ୩୧୬.୦୬ ନିୟୁତ ଟନରେ ପହଁଚିଛି କ୍ଷ ବିଗତ ଆଠ ବର୍ଷ ମଧ୍ୟରେ ବର୍ତମାନ କେନ୍ଦ୍ର ସରକାର ଅନେକ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା,କିଷାନ ସମ୍ମାନ ନିଧି ଯୋଜନା, ଜନଧନ ଯୋଜନା, ସର୍ବ ନିମ୍ନ ସହାୟକ ମୂଲ୍ୟ, ପିଏମ ଫସଲ ବୀମାଯୋଜନା, କୃଷକ ଓ ଶ୍ରମିକ ପେନସନ, ଉଜ୍ଜଳା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ ମୁଦ୍ରା ଯୋଜନା,ଜଳ ଜୀବନ ମିଶନ, ଡିଜିଟାଲ ଇଣ୍ଡିଆ, ଗ୍ରାମ ବିକାଶ ଯୋଜନା, ଓ ଜିଏସଟି ଆଦି ଯୋଜନା ପ୍ରଣୟନ କରି ଏକ ନୂତନ କୀର୍ତିମାନ ସ୍ଥାପନା କରିଛନ୍ତି ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା ନିଜ ବକ୍ତ୍ୟବରେ ଭାରତର ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ସୁଦୃଢ କରାଇବା ପାଇଁ ଆତ୍ମନିର୍ଭର ଭାରତ, ଭୋକାଲ ଫର ଲୋକାଲ, ଗତିଶକ୍ତି ଯୋଜନା, ଉତ୍ପାଦନ ଭିତିକ ପ୍ରୋତ୍ସାହନ ଭଳି ସ୍କିମର ସଫଳ କାର୍ଯ୍ୟକାରିତା ଭାରତକୁ ବିଶ୍ୱ ବ୍ୟବସ୍ଥାର ଶୀର୍ଷକୁ ଉନ୍ନୀତ କରିଛି। ଭାରତ ଆଜି ବିଶ୍ୱର ଷଷ୍ଠ ସର୍ବବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇପାରିଛି ଏବଂ 'ଇଜ ଅଫ ଡୁଇଂ ବିଜନେସ 'ସୂଚକାଙ୍କରେ ୨୦୧୫ ରେ ଭାରତ ୧୪୨ତମ ସ୍ଥାନରେ ଥିବାବେଳେ ଏବେ ତାହା ୬୩ତମ ସ୍ଥାନକୁ ଉନ୍ନୀତ ହୋଇପାରିଛି କ୍ଷମୋଦୀ ସରକାରଙ୍କ ଶାସନ କାଳରେ ରାଷ୍ଟ୍ରୀୟ ସୁରକ୍ଷାକୁ ମଧ ଅଭୁତପୁର୍ବ ଶକ୍ତି ପ୍ରାପ୍ତ ହୋଇପାରିଛି। ଆତଙ୍କବାଦ ପ୍ରତି ସରକାର ଶୂନ୍ୟ ସହନଶୀଳତା ମନୋଭାବ ପୋଷଣ କରି ଆଗକୁ ବଢ଼ିଚାଲିଛନ୍ତ ।

## ଶାସ୍ତ୍ରୀୟ ପରଂମ୍ପରା ଉଲଂଘନ କରି ରଥ ନିର୍ମାଣକୁ ବଳଦେବ ସେନାର ବିରୋଧ

କେନ୍ଦ୍ରାପଡ଼ା,(ପି.ଏନ): ଶାସ୍ତ୍ରୀୟ ପରଂମ୍ପରା ଶିଳ୍ପଶାସ୍ତ୍ର ତଥା ଧର୍ମାଚାର୍ଯ୍ୟ ମାନଙ୍କ ବିନା ଅନୁମତି ରେ କେତେକ ସ୍ଥାନରେ ମନଇଛା ରଥ ନିର୍ମାଣ କରାଯାଉ ଥିବା ପରିପ୍ରେକ୍ଷୀ ରେ କେନ୍ଦ୍ରାପଡା ବଳଦେବ ସେନା ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଏନେଇ ସଂଗଠନର କର୍ମକର୍ତା ମାନେ ଜଗତଗୁରୁ ଶଙ୍କରାଚାର୍ଯ୍ୟ, ପୁରୀ ଶ୍ରୀ ମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରି ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସୂଚନା ଯୋଗ୍ୟ ଯେ, କେନ୍ଦୁଝର ରେ ମୁଖ୍ୟ ଦେବତା ଭାବେ ଶ୍ରୀ ବଳଦେବଜୀୟୁଙ୍କ ରଥର ନାମ ନନ୍ଦିଘୋଷ କରାଯାଇ ଏହାର ଉଚ୍ଚତା କୁ ୭୨ ଫୁଟ କରାଯାଇଛି । ଗିନିଜ ବୁକ ଅଫ ରେକର୍ଡରେ ନାମ ପଞ୍ଜିକରଣ କରିବା ଲୋଭରେ ଶାସ୍ତ୍ରୀୟ ପରଂମ୍ପରାକୁ ଉଲଂଘନ କରାଯାଇ ଏପରି କରାଯାଇ ଥିବା ସେନା ଅଭିଯୋଗ କରିଛି । ପୂର୍ବରୁ କେନ୍ଦୁଝର ରାଜାଙ୍କ ସମୟରେ ରଥର ଉଚ୍ଚତା ୪୩ ଫୁଟ ପର୍ଯ୍ୟନ୍ତ କରାଯାଉ ଥିବାବେଳେ ପରବର୍ତୀ ଅବସ୍ଥାରେ ଏହାର ଉଚ୍ଚତାକୁ ୬୦ ଫୁଟ ବଢାଯାଇ ଥିଲା । ଯାହାକି ୨୦୧୬ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିଥିଲା । ତେବେ ସର୍ବତ୍ର ବଳଦେବଜୀୟୁଙ୍କ ରଥର ନାମ ତାଳଧ୍ୱଜ ଥିବା ବେଳେ କେନ୍ଦୁଝର ବଳଦେବଜୀୟୁଙ୍କ ରଥର ନାମକୁ ନନ୍ଦିଘୋଷ କରାଯାଇ ଧାର୍ମିକ ବ୍ୟାପାର ରେ ହସ୍ତକ୍ଷେପ କରାଯାଇଛି ।

# ପୁସ୍ତକ ଲୋକାର୍ପଣ ସମାରୋହ

ନୂଆପଡ଼ା, (ପି.ଏନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜ ଦରବାର ହଲ ପରିସରରେ ' ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ' ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ସମାରୋହ ଗବେଷଣା ପ୍ରତିଷ୍ଠାନ ର ଅଧକ୍ଷା ଅଧାପିକା ସଞ୍ଜିବନୀ ସୁଧା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ଡଃ ଜିତାମିତ୍ର ପ୍ରସାଦ ସିଂହ ଦେବ ଙ୍କ ୭୫ ବର୍ଷ ପୂର୍ତି ଉପଲକ୍ଷେ ଆୟୋଜିତ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ ଶ୍ରୀ ରାସବିହାରୀ ବେହେରା, ଭବାନୀପାଟଣା, ବିଶିଷ୍ଟ ଅତିଥି ଭାବରେ ଡଃ ଜିତାମିତ୍ର ପ୍ରସାଦ ସିଂହ ଦେବ, ସମ୍ମାନନୀୟ ଅତିଥି ଶ୍ରୀମତୀ ରାଜଶ୍ରୀ ଦେବୀ, ରାଣୀ ସାହେବା, ଖଡ଼ିଆଳ, ଡଃ ଫଣିନ୍ଦମ ଦେଓ, ପ୍ରାକ୍ତନ ଅଧକ୍ଷ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖଡ଼ିଆଳ, ଶ୍ରୀକାନ୍ତ ଚଟର୍ଜୀ, ଅବସରପ୍ରାପ୍ତ ଆୟକର କମିଶନର ପ୍ରମୁଖ ସଦୟ ଯୋଗଦାନ କରିଥିଲେ ।ଏ ଅବସରରେ ଡଃ ଜିତାମିତ୍ର ଙ୍କ ଉଦ୍ଦେଶ୍ୟରେ ନିବେଦିତ ଅଭିନନ୍ଦନିକା ' ମାରାଗୁଡାରୁ ମହାନଦୀ ' ମୁଖ୍ୟ ଅତିଥି ଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଅଭିନନ୍ଦନିକାରେ ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରୁ ମୋଟ ୪୭ଜଣ ଲେଖକ ଓ କବି ଙ୍କ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଲେଖା ସ୍ଥାନିତ ହୋଇଅଛି । ଅଭିନନ୍ଦନିକା ଟି ଜିତାମିତ୍ର ଙ୍କ ଜୀବନାୟନ, ବ୍ୟକ୍ତିତ୍ୱ, ସାଧନା ଓ ସିଦ୍ଧି ଉପରେ ଅସ୍ମିତା ର ଏକ କାଳଜୟୀ ଶିଳ୍ପ ସ୍ଥାପତ୍ୟ ଅଟେ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । ଗବେଷଣା ପ୍ରତିଷ୍ଠାନ ର ବରିଷ୍ଠ ସଦସ୍ୟ ପ୍ରାଧାପକ ଲୋହିତାକ୍ଷ ଯୋଷୀ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନୀଳିମାରାଣୀ ସାଗର ସଂପାଦକୀୟ ବିବରଣୀ ପଠନ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ନନ୍ଦ ଲାଲ ବାରିକ ଓ ସାଥି ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ପ୍ରାଧାପକ ସାମୁଏଲ ଦାନୀ ମାରାଗୁଡାରୁ ମହାନଦୀ ପୁସ୍ତକ ଉପରେ ସଂପାଦକୀୟ ଅନୁଭୂତି ଅଭିବ୍ୟକ୍ତ କରି ଥିଲେ । ଡଃ ସୁଶାନ୍ତ କୁମାର ବିଶି ଙ୍କ ପରିଚାଳନା ରେ ବରେଣ୍ୟ ଲେଖକ ମାନଙ୍କୁ ଅଭିନନ୍ଦନିକା ପ୍ରଦାନ କରାଯାଇଥିଲା । ଏହି ଶିଳ୍ପ ସ୍ଥାପତ୍ୟ ଉପରେ ଡା.ଅଜିତ ସିଂ, ଡଃ ଗୋବର୍ଦ୍ଧନ ନାୟକ, ଅଧାପକ ପରମେଶ୍ୱର ମୁଣ୍ଡ, ଶିକ୍ଷାବିତ କ୍ଷୀରୋଦ ନିବାସ ପଣ୍ଡା,ପଞ୍ଚାୟତ ନୀଳଲୋହିତ ସିଂହ ଦେବ ପ୍ରମୁଖ ସ୍ୱୀୟ ମତବ୍ୟକ୍ତ କରିଥିଲେ। ଗବେଷଣା ପ୍ରତିଷ୍ଠାନ ତରଫରୁ ଡଃ ଜିତାମିତ୍ର ପ୍ରସାଦ ସିଂହ ଦେବ ଓ ରାଣୀ ସାହେବା ଲେଖିକା ଶ୍ରୀମତୀ ରାଜଶ୍ରୀ ଦେବୀ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ସହିତ ରାଜ ଜ୍ୟୋତିଷ ପ୍ରଫୁଲ୍ଲ ରଥ ଓ ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତି ଉପଢୌକନ ପ୍ରଦାନ କରିଥିଲେ । ସମାରୋହରେ ଡା.ପୁଷ୍ପା ସିଂ, କୈଳାସ ଅଗ୍ରୱାଲ, ଶଶିକାନ୍ତ ଖମାରୀ, ତାରିଣୀ ଚରଣ ପାଣିଗ୍ରାହୀ,ପଞ୍ଚାୟତ ନୀଳଲୋହିତ ସିଂହ ଦେବ,ରାମକିଙ୍କର ଦେଓ, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଚିତ୍ର ଭାନୁ ସିଂ ଦେଓ, ଡୋଳା ମୋହନ ସିଂ ବାବୁ, ଡଃ ହରେନ୍ଦ୍ର ପଣ୍ଡା, ଡଃ ଶରତ ଚନ୍ଦ୍ର ଚଲାନ, ଡଃ ରଣବୀର ସିଂ, ଅଧାପିକା ମିନା ସା, ଅଧାପକ ଆଲୋକ ରଥ, କିଶୋର ଅଗସ୍ତି, ପବିତ୍ର ମୋହନ ପ୍ରଧାନ, ପ୍ରତାପ କେଶରୀ ପଟ୍ଟନାୟକ, ଶିରୀଶଙ୍କର ବାରିକ, ନୁର୍ ମହମ୍ମଦ, ଗୋପାଳ ଦାସ, ବିଶୋପ ସି.କେ.ଦାସ, ଡଃ ପଦ୍ମ ଲୋଚନ ବର୍ମା, ଦେବ ଦେବ ସିଂହ ଦେବ, ମନୋରଞ୍ଜନ ମହାପାତ୍ର, ବିଜୟ କୁମାର ସହିସ, କୁନାଳ ଚରଣ ବେହେରା, ସତିଶ କୁମାର ପଟ୍ଟନାୟକ, ସଞ୍ଜିବ ପାଢ଼ୀ, ଉପେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ଶତାଧିକ ଗବେଷକ ଗବେଷିକା, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଗବେଷଣା ପ୍ରତିଷ୍ଠାନ ର କୋଷାଧକ୍ଷ ଜୟଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ କବିତା ପାଠ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ): ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ବାଲିଆ ସ୍ଥିତ ପୋଇଲୋ ଗ୍ରାମରେ ଭ୍ରାମ୍ୟମାଣ କବିତା ପାଠ ଓ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସଂଜୟ କୁମାର ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ପତି ମୁଖ୍ୟ ଅତିଥି, ଭରତ ଚନ୍ଦ୍ର ଜେନା ସମ୍ମାନିତ ଅତିଥି, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଆମ ହୃଦୟରୁ ସାହିତ୍ୟ ସୃଷ୍ଟି ହୋଇଥାଏ । ଆମ ଗାଁ ମାନଙ୍କରେ ଏହା ଅଧିକ ସମୃଦ୍ଧି ହୋଇଥାଏ । ପାଳନ ହେଉଥିବା ୧୨ ମାସରେ ୧୩ ପର୍ବ, ଜନ୍ମ ଦିବସ, ଏକୋଇସିଆ, ଶ୍ରାଦ୍ଧ ପାଳନ ଆମ ସଂସ୍କୃତିକୁ ଅଧିକ ସମୃଦ୍ଧି କରେ ବୋଲି ମତବ୍ୟକ୍ତ କରିଥିଲେ ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ସମ୍ବର୍ଦ୍ଧନା ପର୍ବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ସଂସ୍କୃତି ଭବନ

ପୁରୀ, (ପି.ଏନ): ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପୁରୀଜିଲ୍ଲା ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସଂଘ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଧାର୍ମିକ ସଂଗଠନ ଭାବେ ମନୋଜ କୁମାର ରଥ, ବରିଷ୍ଠ ଶିକ୍ଷାବିତ ଶମ୍ଭୁନାଥ ମହାଳିକ,ରବିନ୍ଦ୍ର ନନ୍ଦ,ସଂସ୍କୃତି ଗବେଷିକା ଡ଼ଃ କଲ୍ୟାଣୀ ଶତପଥୀ, ବରିଷ୍ଠ ସାମାଜିକ କର୍ମୀ ହେକ୍ଟର ମିଶ୍ର ଓ ଜୟନ୍ତୀ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରମେଶ ପ୍ରସାଦ ସିଂହଙ୍କୁ ପୁଷ୍ପଗୁଚ୍ଛ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସମାଜସେବୀ ଅଙ୍କିତ ପଟ୍ଟଓ୍ୱାରୀ, ଅଭିନେତା ଶିବସୁନ୍ଦର ମିଶ୍ର, ରେଡ଼ିଓ ଆର୍ଟିଷ୍ଟ ସୋନାଲି ପଢିଆରୀ, ଓଡ଼ିଶୀ ନୃତ୍ୟଗୁରୁ ରୋଜାଲିନ ପଣ୍ଡା ଓ ନନ୍ଦିତା ପ୍ରିୟଦର୍ଶନୀ ମହାନ୍ତି,କଣ୍ଠଶିଳ୍ପୀ ଦେବାଂଶୀ ଦାଶ, ସ୍ୱପ୍ନା ଷଡ଼ଙ୍ଗୀ, ପ୍ରିତିଶା ମହାପାତ୍ର,ଯଜ୍ଞଦତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କୁନିଚିତ୍ର ଶିଳ୍ପୀ ସମ୍ଭବ ହୋତା, ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ସେଠୀ, ସ୍ୱେଚ୍ଛାସେବୀ ଅନନ୍ତ ଶତପଥୀ,ଓଡ଼ିଶୀ ନୃତ୍ୟଶିଳ୍ପୀ ଅର୍ପିତା ଶତପଥୀ, ସ୍ୱୀକୃତି ମହାପାତ୍ର,ସମୀକ୍ଷା ମହାପାତ୍ର, ଉଦିପ୍ତା ଉପାସନା, ସୁଦିପ୍ତା ନାୟକ,ସିପ୍ରା ମିଶ୍ର, ସୁପ୍ରିୟା ପଲେଇ, ମମତା ଭୋଇ, କିରଣ ପଟ୍ଟନାୟକ ଓଡ଼ିଶୀନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ସେହିପରି ସୁର ସଙ୍ଗୀତରେ ସ୍ୱପ୍ନା ଓ ଡୁଗୁଙ୍କ କଣ୍ଠସ୍ୱରରେ ଶ୍ରୋତାମାନେ କିଛି ସମୟ ମନ୍ତ୍ରମୁଗ୍ଧ ହୋଇ ବସି ରହିଥିଲେ । ପ୍ରାରମ୍ଭରୁ ସମବେତ କଣ୍ଠ ସଙ୍ଗୀତ ଗାନ କରିଥିଲେ ଲିଙ୍ଗରାଜ କଳାନିକେତନର କଳାକାରମାନେ । ସେହିପରି ବୈଭବ କଳାକେନ୍ଦ୍ର ପକ୍ଷରୁ ଗୁରୁ ରୋଜାଲିନଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀମାନେ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ । ସେହିପରି ନନ୍ଦିତାଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀନୃତ୍ୟ ଶିଳ୍ପୀଙ୍କ ଘୁଙ୍ଗୁର ଶବ୍ଦରେ କମ୍ପି ଉଠିଥିଲା ସଂସ୍କୃତି ଭବନ ।

# କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ




Bhubaneswar Sunday June 05, 2022 | ଭୁବନେଶ୍ୱର ରବିବାର, ଜୁନ ୦୫,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ମନରେଗା ଅର୍ଥରେ ପୋତାଯାଉଛି ବ୍ୟକ୍ତିଗତ ଜମି

ଧର୍ମଶାଳା,୪।୬(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼ରୁଖା ମୌଜାରେ ଥିବା ବ୍ୟକ୍ତିଗତ ଜମିର ଉନ୍ନତିକରଣ ପାଇଁ ଖର୍ଚ୍ଚ ହୋଇଛି ମନରେଗା ଯୋଜନା ଅର୍ଥ । ନିକଟସ୍ଥ ଗୋଚର ଜମିରୁ ବେଆଇନ ଭାବେ ମାଟି ଉଠାଯାଇ ଏଠାରେ ପକାଯାଇଛି । ତାହା ପୁଣି ସୁନ୍ଦୁରିଆ ପଞ୍ଚାୟତ ଅଞ୍ଚଳରେ ଥିବା ଜାରକା ପଞ୍ଚାୟତ ଲୋକଙ୍କ ଜମିର ଉନ୍ନତିକରଣ କାର୍ଯ୍ୟରେ ବ୍ୟବହାର ହୋଇଛି । ଯାହାକି ବେଆଇନ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଉଠାଇଛନ୍ତି । ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକାଧିକ ଜମିରେ ମାଟି ପକାଯାଇ ଏହାକୁ ଉଚ୍ଚ କରାଯାଉଛି । ସରକାରୀ ଅନୁଦାନ ଅର୍ଥରେ ଜମିରେ ମାଟି ପକାଯାଇ ଏହାର ଉଚ୍ଚତା ବଢ଼ାଯାଇଛି । ମାଟିପକା ଯାଇ ଜମିକୁ ପୋତାଗଲା ପରେ ଏହାର ମୂଲ୍ୟ ବୃଦ୍ଧିପାଇବ । ଏଭଳି ଏକ ଅଭିନବ କେଳେଙ୍କାରୀ ଲୋକ ଲୋଚନକୁ ଆସିଛି । ପ୍ରକାଶ ଯେ, ବଡ଼ରୁଖା ମୌଜାରେ ଥିବା ଗୋଚର ଜମିରୁ କିଛିଦିନ ପୂର୍ବେ ମେସିନ୍ ଲଗାଯାଇ ବିପୁଳ ପରିମାଣର ମାଟି ଖନନ କରାଯିବା ସହିତ ଏହାକୁ ଟ୍ରାକ୍ଟରରେ ବୁହାଯାଇ ନିକଟସ୍ଥ ଜମି ପୋତାଯାଇଛି । ଜମି ପୋତାଗଲା ପରେ ଏହାକୁ ମନରେଗା ଯୋଜନାରେ ସାମିଲ୍ କରାଯାଇ ଜମି ଉନ୍ନତକରଣ ନାଁରେ ଅର୍ଥ ହଡ଼ପ କରିନିଆଯାଇଛି । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବଡ଼ରୁଖା ମୌଜାରେ । ଏହି ମୌଜା ସୁନ୍ଦୁରିଆ ପଞ୍ଚାୟତ ଅଧୀନରେ ରହିଥିବା ବେଳେ ଏଠାରେ ମନରେଗା ଯୋଜନାରେ ଜାରକା ପଞ୍ଚାୟତ ଲୋକଙ୍କ ଜମିର ଉନ୍ନତିକରଣ କରାଯାଇଛି । ତାହା ପୁଣି ଗୋଟିଏ ଫଳକରେ ଦୁଇଟି ପ୍ରକଳ୍ପର ସୂଚନା ଦିଆଯାଇଛି । ଫଳକର ଗୋଟିଏ ପାର୍ଶ୍ୱରେ ୨୦୨୨/୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନା ଅନୁଦାନ ଅର୍ଥରେ ଗୋପବନ୍ଧୁ ସାହୁଙ୍କ ଜମି ଉନ୍ନତିକରଣ ପାଇଁ ପ୍ରକଳ୍ପର ଅଟକଳ ପରିମାଣ ୨୦ହଜାର ଟଙ୍କା ଲେଖାଯାଇଛି । ସେହିପରି ଫଳକର ଅପରପାର୍ଶ୍ୱରେ ଜଳଧର ବେହେରାଙ୍କ ଜମି ଉନ୍ନତିକରଣ ପାଇଁ ୨୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଅସ୍ପଷ୍ଟ (ରଙ୍ଗ ଛାଡ଼ିଯାଇଥିବା) ସୂଚନା ଫଳକରୁ ଜଣାପଡ଼ିଛି । ଉକ୍ତ ଜମି ସୁନ୍ଦୁରିଆ ପଞ୍ଚାୟତ ଅଧୀନରେ ରହିଥିବା ବେଳେ ଉକ୍ତ ଫଳକରେ ଗ୍ରାପ ଜାରକା ଓ ଗ୍ରାମ ଶଙ୍ଖାରିଡ଼ିହ ବୋଲି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି । ନିୟମାନୁସାରେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମ ଶ୍ରମିକମାନେ କରିବା କଥା । ହେଲେ ଏଠାରେ ଶ୍ରମିକଙ୍କ ବଦଳରେ ଏକ ଟାଟା ହିଟାଚି ମେସିନ୍ ମାଟି ଖନନ କରିଥିବା ବେଳେ କେତେକ ଟ୍ରାକ୍ଟରରେ ଏହାକୁ ବୁହାଯାଇଥିଲା । ଅନ୍ୟପକ୍ଷରେ ମାଟି ଖନନ ଓ ଚାଲାଣ ପାଇଁ ତହସିଲ କର୍ତ୍ତୃପକ୍ଷଙ୍କ ଠାରୁ ମଧ୍ୟ ଅନୁମତି ନିଆଯାଇନଥିବା ଜଣାପଡ଼ିଛି । ଏଠାରେ ସରକାରଙ୍କର ରାଜସ୍ୱହାନୀ ହେଉଥିବା ବେଳେ ଗୋଟିଏ ଖର୍ଚ୍ଚରେ ଦୁଇଟି ଲାଭ ମିଳଥିବା ଅଭିଯୋଗରେ ଦର୍ଶାଯାଇଛି । ସରକାରୀ ଜମିରୁ ମାଟି ବିକ୍ରିକରି ବେଶ୍ ମୁନାଫା ମିଳିଥିବା ବେଳେ ଏହାକୁ ବ୍ୟକ୍ତିଗତ ଜମିରେ ପକାଇ ମନରେଗା ଅର୍ଥ ମଧ୍ୟ ଚଳୁ କରାଯାଇଛି । ଏଭଳି ଅଭିନବ ଠକେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଗୋକର୍ଣ୍ଣେଶ୍ୱର ପୀଠରେ ଶୀତଳଷଷ୍ଠୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ପୀଠରେ ଶୀତଳଷଷ୍ଠୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଥିଲା । ଷୋଡ଼ଷ ଉପଚାର ପୂଜା ଓ ଭଜନ କୀର୍ତନ ପରିବେଷିତ ହୋଇଥିଲା । ସକାଳେ ଧର୍ମଶାଳା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସସ୍ତ୍ରୀକ ମହାଦେବଙ୍କ ପୂଜାର୍ଚ୍ଚନା କରିଥିଲେ । ଦେଉଳିପାଳ ଗ୍ରାମର ଶିଶିର କୁମାର ସ୍ୱାଇଁ ବରପିତା ଓ ଗୋପାଳପୁର ଗ୍ରାମର ଲୁଲେନ୍ଦ୍ର ବେହେରା କନ୍ୟାପିତା ଭାବେ ବିବାହ କାର୍ଯ୍ୟ ସଂପନ୍ନ କରିଥିଲେ । ମ୍ୟାନେଜିଂ ଟ୍ରଷ୍ଟି ବେଣୁଧର ନାୟକ, ଶ୍ୟାମସୁନ୍ଦର ରାୟ, ଦୁଃଶାସନ ସ୍ୱାଇଁ, ବିଜୟ ପ୍ରସାଦ ରାୟ, ନନ୍ଦକିଶୋର ସ୍ୱାଇଁ, ବିନୋଦ ନାୟକ, ଯତୀନ୍ଦ୍ର ମୋହନ ସ୍ୱାଇଁ, ଉଲ୍ଲାସ ସାମଲ, ଯୁଧିଷ୍ଠିର ସ୍ୱାଇଁ, ବାବୁଲି ସାମଲ, ଗୁଣନିଧି ସ୍ୱାଇଁ ଓ ସୋମନାଥ ପାଢ଼ୀ ଉତ୍ସବ ପରିଚାଳନା କରିଥିଲେ । ଶିବପାର୍ବତୀଙ୍କ ବିବାହ ଉତ୍ସବ ଦେଖିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା ।

## ମାଲକାନଗିରି ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଲେ ବିଧାୟକ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ବିଧାୟକ ଆଦିତ୍ୟ ମାଢ଼ି ରାଜ୍ୟପାଳଙ୍କୁ ଭେଟି ଦାବି ଉପସ୍ଥାପନା କରିଛନ୍ତି । ଜିଲ୍ଲାରେ ବିଶେଷ କରି ଯେତିକି ଭୌଗଳିକ ସ୍ଥିତି ରହିଛି, ସେଥିରୁ ୭୫ ପ୍ରତିଶତ ଚାଷ ଜମି ରହିଛି । ଏହି ଅଂଚଳର ଲୋକେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ଚାଷ କରିବା ପାଇଁ ସେମାନଙ୍କ ପାଖରେ ସେତିକି ସମ୍ବଳ ନାହିଁ । ଜୀବନଜୀବିକା ଦୁର୍ବିସହ ହୋଇପଡିଛି ।ଜିଲ୍ଲାରେ ବାସ କରୁଥିବା ୬ ଲକ୍ଷ ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆଦିବାସୀ ଶ୍ରେଣୀର । ଓଡିଶାର ସବୁଠାରୁ ଅନୁନ୍ନତ ଜିଲ୍ଲା ମଧ୍ୟରେ ମାଲକାନଗିରି ଅନ୍ୟତମ । ଜିଲ୍ଲାରେ ଆଜି ବି ଗାଁକୁ ଗାଁ ମଧ୍ୟରେ ରାସ୍ତା ନାହିଁ । ଲୋକେ ଏବେ ବି ପାଦରେ ଚାଲି ଚାଲି ମାଇଲ ମାଇଲ ବାଟ ଯାଉଛନ୍ତି । ଜିଲ୍ଲାକୁ ରେଳପଥ ଆଜି ପର୍ଯ୍ୟନ୍ତ ଛୁଇଁ ପାରିନାହିଁ । ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଲୋକେ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି ।ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ନକହିବା ଭଲ । ଏଠାରେ ଦକ୍ଷତା ବୃଦ୍ଧି ନେଇ ସେଭଳି କୌଣସି ଅନୁଷ୍ଠାନ ନାହିଁ । ବହୁ ବେକାର ଯୁବକଯୁବତୀ ଏଠାରେ ଦାଦନ ଖଟିବାକୁ ବାଧ ହେଉଛନ୍ତି । ଜିଲ୍ଲା ମାଓବାଦୀ ଅଂଚଳ ହୋଇଥିବାରୁ ଏଠାରେ ଥିବା ମୂଲ୍ୟବାନ ଧାତୁ ଏବଂ ଖଣିକୁ ଉତ୍ପାଦନ କରିବା ପାଇଁ କୌଣସି କମ୍ପାନୀ ଫ୍ୟାକ୍ଟ୍ରୀ କରି ଲୋକଙ୍କୁ କାମଧନ୍ଦା ଯୋଗାଇବା ପାଇଁ ମନ ବଳାଉ ନାହାନ୍ତି । ଶିଳ୍ପ ଖୋଲିବା ପାଇଁ ବାରମ୍ବାର ଟେଣ୍ଡର ଆହ୍ୱାନ କରାଯାଉଥିଲେ ମଧ କେହି ଆସିବାକୁ ନାରାଜ ହେଉଛନ୍ତି । ଜିଲ୍ଲାରେ ଅଶିକ୍ଷିତଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ଶିଶୁ ମୃତ୍ୟୁହାର ବଢ଼ିବାରେ ଲାଗିଛି । ଯୋଗାଯୋଗର ସୁବ୍ୟବସ୍ଥା ନଥିବାରୁ ବହୁ ରୋଗୀ ଅକାଳରେ ଜୀବନ ହାରୁଛନ୍ତି । ଆର୍ଥିକ ସମ୍ବଳ ନଥିବାରୁ ଲୋକେ ବାହାରକୁ ନେଇ ରୋଗୀଙ୍କୁ ଚିକିତ୍ସା କରାଇପାରୁନାହାନ୍ତି । ଜିଲ୍ଲାରେ ଏକ ମେଡିକାଲ ହେଲା ସତ, କିନ୍ତୁ ସେଠାରେ ଡାକ୍ତରଙ୍କର ଘୋର ଅଭାବ ରହିଛି । ଜିଲ୍ଲାର ବହୁ ନୀରିହ ଆଦିବାସୀ ପୁଲିସର ଶିକାର ହେବା ସହ ଗୁଣି ଗାରେଡି ଉପରେ ବିଶ୍ୱାସ କରୁଛନ୍ତି । ବିଦ୍ୟୁତ ସେବା ସବୁଠାରୁ କଦର୍ଯ୍ୟ ହୋଇଯାଇଥିବା ବେଳେ ଏହାକୁ ଉନ୍ନତମାନର କରିବା ଦରକାର ପଡିଛି । ମୁଁ ଜଣେ ବିରୋଧୀ ଦଳର ବିଧାୟକ ହୋଇଥିବାରୁ ଶାସକ ଦଳ ମୋ ଦାବିକୁ ମାନୁନଥିବା ସେ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲ୍ଲାରେ ଶିଳ୍ପ, ରେଳପଥ, ରାସ୍ତା, ବିଦ୍ୟୁତ ସହ ପାନୀୟ ଜଳ ଇତ୍ୟାଦି ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।ଏହି ଆଲୋଚନା କାଳରେ ବିଧାୟକଙ୍କ ସହ ମାଲକାନଗିରି ବିଧାୟକ ପ୍ରତିନିଧି ନବଘନ ଲୋକେଇ ଉପସ୍ଥିତ ରହିଥିଲେ ।

## ବାଲ୍ୟବିବାହକୁ ରୋକିବା ପାଇଁ ମାଲକାନଗିରିରେ ଚାରି ଲକ୍ଷ ଲୋକଙ୍କୁ ନେଇ ଏକ ବିଶାଳ ଶପଥ ପାଠ

ମାଲକାନଗିରି, (ପି.ଏନ): ଜିଲ୍ଲାରେ ବାଲ୍ୟବିବାହକୁ ରୋକିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଏକ ୫୦ ଦିନିଆ କାର୍ଯ୍ୟକ୍ରମ ଗତ ୨୯/୩ ତାରିଖ ଠାରୁ ଆରମ୍ଭ ହୋଇଯାଇଅଛି । ଏହି ୫୦ ଦିନିଆ କାର୍ଯ୍ୟକ୍ରମର ଆଜି ୪୬ ତମ ଦିବସ ଅବସରରେ ଜିଲ୍ଲାପାଳ ମାଲକାନଗିରିଙ୍କ ଆଦେଶ କ୍ରମେ ଏକ ସାମୁହିକ ଶପଥପାଠ କାର୍ଯ୍ୟକ୍ରମର ଆୟୋଜନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ଗ୍ରାମ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସମସ୍ତ ଗ୍ରାମମାନଙ୍କରେ ଏହି ଶପଥପାଠ କରାଯାଇଥିଲା । ଜିଲ୍ଲାର ସମସ୍ତ ୧୩୨୦ ଅଙ୍ଗନବାଡି କେନ୍ଦ୍ର, ୧୧୧ ଟି ଗ୍ରାମପଚାଂୟତ, ୭ ଟି ପଚାଂୟତ ସମିତି, ୭ ଟି ତହସିଲ, ୧୧ ଟି ଥାନା ଏବଂ ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଠାରେ ଏହି ଶପଥପାଠ କରାଯାଇଥିଲା । ଜିଲ୍ଲାପାଳ ବିଶାଳ ସିଂ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଉପସ୍ଥିତ ରହି ସମସ୍ତ ଅଧିକାରୀ ଓ ଜନସାଧାରଣ ମାନଙ୍କୁ ଶପଥପାଠ କରାଇଥିଲେ । ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ ବିଲୋପ କରିବା ପାଇଁ ଏବଂ ଜିଲ୍ଲାର ସମସ୍ତ କିଶୋର ଓ କିଶୋରୀ ମାନଙ୍କୁ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ଦେବା ପାଇଁ ଏକ ସଚେତନତା ସୃଷ୍ଟି କରିବାର ଆହ୍ୱାନ ଆଜିର ଏହି ଶପଥପାଠ ମାଧମରେ କରାଯାଇଥିଲା । ମୋଟ ଜିଲ୍ଲାର ଚାରି ଲକ୍ଷ ଲୋକ ଏହି ବିଶାଳ ଶପଥପାଠ ଉତ୍ସବରେ ଅଂଶଗ୍ରହଣ କରି ଜିଲ୍ଲାର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିଲେ ।

## ଧର୍ମଶାଳା, ୪।୬ (ପିଏନ୍):

ଧର୍ମଶାଳା ବଜାର ଅଂଚଳର ଜଣେ ନାବାଳିକାକୁ ସେହି ଗ୍ରାମର ଜଣେ ଭୂଷା ଦୋକାନୀ ଅସଦାଚରଣ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସଂପୃକ୍ତ ବ୍ୟବସାୟୀକୁ ଗିରଫ କରିଛି । ସୂଚନା ମୁତାବକ, ଧର୍ମଶାଳା ବଜାରରେ ଭୁଷା ଦୋକାନ କରିଥିବା ସେକ ସିକନ୍ଦର (୪୫) ଗତକାଲି ଦୋକାନକୁ ସଉଦା ପାଇଁ ଆସିଥିବା ଜଣେ ନାବାଳିକାକୁ ଏକାକି ପାଇ ଅସଦାଚରଣ ଉଦ୍ୟମ କରିଥିଲା । ନାବାଳିକା ସେଠାରୁ ଖସି ଯାଇ ଘରେ ଏହି କଥା କହିଥିଲା । ଏନେଇ ନାବାଳିକାର ମା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସିକନ୍ଦରକୁ ଗିରଫ କରିଛି । ଆସନ୍ତାକାଲି ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ବ୍ରାହ୍ମଣୀ ସେତୁରେ ଦୁର୍ଘଟଣା

ଧର୍ମଶାଳା, : ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁ ଉପରେ ଏକ ହାଇୱା ଲୁନା ଗାଡିକୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମର ଦଶରଥ ତରାଇଙ୍କ ପୁଅ କୁନାନନ୍ଦ ତରାଇ ଓ ଅଲେଖ ପରିଡାଙ୍କ ପୁଅ ଗୌରାଙ୍ଗ ପରିଡା ଆଜି ଲୁନା ଯୋଗେ ମାଛ ମାରିବାକୁ ଯାଉଥିବା ସମୟରେ ଏକ ହାଇୱା ଗାଡି ତାଙ୍କ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଦାନଗଦୀ ମେଡିକାଲକୁ ପଠାଇଥିଲେ । ସେଠାରେ ଗୌରାଙ୍ଗ ପରିଡାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଧର୍ମଶାଳା,୪।୬(ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ନରସିଂହପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ଦାସ(୬୮)ଙ୍କ ଆଜି ହୃଦ୍‌ଘାତରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁଷମା, ପୁଅ ପ୍ରଶାନ୍ତ, ଝିଅ କ୍ରିଷ୍ଣା, ଜ୍ୟୋସ୍ନା, ତୃଷ୍ଣା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ଦାସ ଜଣେ ଭଲ ଗଣିତ ଶିକ୍ଷକ ଥିଲେ । ଖବର ପାଇ ଶିକ୍ଷକ ନେତା ପ୍ରଦୀପ୍ତ କୁମାର ସାହୁ, ଦେବେନ୍ଦ୍ର ଦାସ, କୃଷକନେତା ବସନ୍ତ କୁମାର ପରିଡ଼ା, ଲକ୍ଷ୍ମଣ ଦାସ, ପଦନ ପ୍ରଧାନ, ନିମାଁଇ ଦାସ, କାର୍ତ୍ତିକ ସୂତାର, ପ୍ରତ୍ୟୁଷ ଦାସ, ଗଙ୍ଗାଧର ମହାରଣା, ଅନ ଦାସ, ଧନଞ୍ଜୟ ପ୍ରଧାନ, ଓମ୍ ନାରାୟଣ ଦାସ, ସୌମ୍ୟାଶ୍ରୀ ଦାସ ପ୍ରମୁଖ ବହୁ ବ୍ୟକ୍ତି ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ ।

## ମୁଖୀଗୁଡା ଜଗନ୍ନାଥ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ରୁପା, ପିତଳ ସାମଗ୍ରୀ ଚୋରି

ମୁଖୀଗୁଡା, (ପି.ଏନ): କଳାହାଣ୍ଡି ଜିଲ୍ଲା ମୁଖୀଗୁଡା ଜଗନ୍ନାଥ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର, ପିତଳ ସାମଗ୍ରୀ, ହୁଣ୍ଡିରେ ଥିବା ଟଙ୍କା ଗତ ରାତିରେ ଚୋରି ହୋଇଥିବା ଜଣାପଡିଛି । ଆଜି ଭୋର ପ୍ରାୟ ୫ଟା ୩୦ ମିନିଟ ସମୟରେ ମନ୍ଦିର ପୂଜକ ମନ୍ଦିରରେ ପହଂଚିବା ପରେ ଦେଖିବାକୁ ପାଇଲେ ଯେ, ମନ୍ଦିର ଦକ୍ଷିଣ ଦ୍ୱାର ତାଲା ଭଙ୍ଗା ଯାଇଛି । ପରେ ସେ ଦେଖିବାକୁ ପାଇଲେ ଯେ ହୁଣ୍ଡିର ତାଲା ଭଙ୍ଗା ଯାଇଛି ।

## ଡକ୍ଟର ଶରତ ସାହୁଙ୍କୁ ସ୍ୱାଇସ୍ ଆଇକନ୍ ପୁରସ୍କାର




ଭୂବନେଶ୍ୱର,(ପି.ଏନ): ଓଡିଶାର ଖାଦ୍ୟପରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ୪୭ବର୍ଷରେ ପହଂଚିଥିବା ଲୋକପ୍ରିୟ ରୁଚି ଫୁଡ୍‌ଲାଇନ୍‌କୁ ତା'ର ଉତ୍କର୍ଷତା, ଗୁଣବତା ଓ ଉଦ୍ୟୋଗକ୍ଷେତ୍ରରେ ବିକାଶ ପାଇଁ ମିଳିଛି ଆଉ ଏକ ଜାତୀୟ ପୁରସ୍କାର । ନୂଆଦିଲ୍ଲୀର ଗ୍ଲୋବାଲ୍ ସ୍ୱାଇସ୍ ସମିଟ୍‌ର ସମାରୋହରେ ରୁଚି ଉଦ୍ୟୋଗର ପରିଚ୍ଛଳନା ନିର୍ଦ୍ଦେଶକ ତଥା ରାଜ୍ୟର ଜଣାଶୁଣା ଶିଳ୍ପୋଦ୍ୟୋଗୀ ଡକ୍ଟର ଶରତ କୁମାର ସାହୁଙ୍କୁ ମିଳିଛି ଚଳିତବର୍ଷର ସ୍ୱାଇସ୍ ଆଇକନ୍ ପୁରସ୍କାର । ସଂସଦମାର୍ଗସ୍ଥିତ ଏନ୍.ଡି.ଏମ୍.ସି କନଭେନସନ୍ ସେଂଟରଠାରେ ଆୟୋଜିତ ସ୍ୱାଇସ୍ ସମିଟ୍‌ରେ ଦେଶ ଓ ଦେଶ ବାହାରୁ ୨୦୦ରୁ ଉର୍ଦ୍ଧ୍ୱ ମସଲା ଶିଳ୍ପଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ଆୟୋଜିତ ଉତ୍ସବରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଦେବସିହ୍ନା ଚୌହାନ ଓ ରାଜ୍ୟସଭା ସାଂସଦ ରାଜେନ୍ଦ୍ର ଗେହେଲଟ୍ ଯୋଗ ଦେଇ ଡକ୍ଟର ସାହୁଙ୍କୁ ଚଳିତବର୍ଷର ସମ୍ମାନଜନକ ସ୍ୱାଇସ୍ ଆଇକନ୍ ପୁରସ୍କାର ପରଦାନ କରିଥିଲେ । ରାଜ୍ୟର ଶିଳ୍ପ ଏବଂ ଉଦ୍ୟୋଗ ଜଗତରେ ଏକ ସଫଳ ଶିଳ୍ପର ମାନ୍ୟତା ଲାଭ କରିଥିବା ଏହି ଅନୁଷ୍ଠାନ ପୂର୍ବରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ବିଭିନ୍ନ ରାଷ୍ଟ୍ରୀୟ ଏବଂ ଗଣମାଧମ ଅନୁଷ୍ଠାନଗୁଡିକରୁ ମଧ ପୁରସ୍କୃତ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ଭୂବନେଶ୍ୱରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ସାହୁ କହିଥିଲେ ଯେ, ଓଡିଶାର କୋଟି କୋଟି ଗ୍ରାହକ ହେଉଛନ୍ତି ରୁଚି ପରିବାରର ଶ୍ରେଷ୍ଠ ପୃଷ୍ଠପୋଷକ । ତେଣୁ ରୁଚି ତା'ର ଗ୍ରାହକମାନଙ୍କର ଋଣ ସୁଝିବା ପାଇଁ ସବୁବେଳେ କାର୍ଯ୍ୟକରି ଆସୁଛି । ଆମେ ଗ୍ରାହକମାନଙ୍କର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟପଦ, ସୁଷମ ଓ ସୁଲଭ ମୂଲ୍ୟରେ ବିଭିନ୍ନ ସାମଗ୍ରୀ ଉତ୍ପାଦିତ କରୁଛୁ । ରାଜ୍ୟ ସରକାରଙ୍କ ସହଯୋଗରେ ସଂପ୍ରତି ନୂତନ ଭାବେ ବିକଶିତ ରାମଦାସପୁରର ଶିଳ୍ପପୁଂଜଠାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଆନ୍ତର୍ଜାତିକସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିବା ଇଟାଲୀର ଆନସେଲ୍ ମୋ ଇମ୍ପିଆଂଟି ସହଯୋଗରେ ଏହି ଫୁଡ୍ ପ୍ରୋସେସିଂ ପାର୍କ ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବ । ଦୀର୍ଘ ୪୭ବର୍ଷ ତଳେ ଓଡିଶାରେ ପ୍ରଥମେ ଗୁଣ୍ଡ ମସଲା ତିଆରି ଆରମ୍ଭ କରିଥିବା ରୁଚି ମସଲା ପରେ ସିମାଇ, ପାସ୍ତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟପଦ ଖାଦ୍ୟ-ପାନୀୟ ଉତ୍ପାଦନ ଓ ବିପଣନ କରି ଓଡିଶା ଓ ଓଡିଶା ବାହାରେ ଏକ ସ୍ୱତନ୍ତ୍ର ତିଆରି କରି ପାରିଛି । ଏବେ ଏହି ନୂତନ ଫୁଡ୍ ପାର୍କରେ ସ୍ୱାସ୍ଥ୍ୟପ୍ରଦ ଏବଂ ଉନ୍ନତ ଗୁଣମାନର ପାସ୍ତା, ନୁଡୁଲ୍ସ, ସସ୍, ମସଲା, ଆଇସକ୍ରିମ୍, ସ୍ନାକ୍ସ, ବେକେରି, ରେଡି ଟୁ ଇଟ୍ ଓ ରେଡି ଟୁ କୁକ୍ ଭଳି ବିଭିନ୍ନ ଖାଦ୍ୟ ସାମଗ୍ରୀ ଉତ୍ପାଦିତ ହେବ । ଇତିମଧ୍ୟରେ ଇଟାଲୀ କମ୍ପାନୀ ଓ ରୁଚି ଉଦ୍ୟୋଗ ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି । ଏହି ଅବସରରେ ଡକ୍ଟର ସାହୁ କହିଥିଲେ ଯେ, ୧୯୯୯ ମସିହାରେ ପ୍ରଥମେ ପୂର୍ବ ଭାରତରେ ଏକମାତ୍ର ରୁଚି ଉଦ୍ୟୋଗ ଇଟାଲୀ ଓ ଦକ୍ଷିଣ କୋରିଆର ମିଳିତ ସହଯୋଗରେ ପାସ୍ତା କାରଖାନା ଆରମ୍ଭ କରିଥିଲା । ଦୀର୍ଘ ୨୩ବର୍ଷ ଭିତରେ ରୁଚି ଇଟାଲୀରୁ ଉଚ୍ଚ ଜ୍ଞାନକୌଶଳ ସମ୍ପନ୍ନ ୩ଟି ବୃହତ୍ ପାସ୍ତା କାରଖାନା କରି ବ୍ୟବସାୟିକ ସଫଳତା ହାସଲ କରିଥିବା ବେଳେ ଏବେ ଏହି ନୂତନ ପାସ୍ତା ପାର୍କ ପାଇଁ ରାମଦାସପୁରଠାରେ ଆଉ ଦୁଇଟି ଅତ୍ୟାଧୁନିକ ପାସ୍ତା କାରଖାନା ପ୍ରସ୍ତୁତ କରିବାକୁ ଯାଉଛି । ୧୯୯୯ ମସିହାରେ ରାଜ୍ୟର ତତ୍କାଳୀନ ଶିଳ୍ପମନ୍ତ୍ରୀଙ୍କ ସହିତ ଇଟାଲୀ ଗସ୍ତ କରିବା ସହ ପରବର୍ତୀ ସମୟରେ ରାଜ୍ୟ ସରକାର ଶିଳ୍ପ ବିକାଶର ଅଭିବୃଦ୍ଧି ପାଇଁ ବିଶେଷ ସହାୟତା ଓ ସହଯୋଗ ପ୍ରଦାନ କରିଥିବାରୁ 'ରୁଚି' ଉଦ୍ୟୋଗ ଆଜି ଶିଳ୍ପାୟନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରି ପ୍ରତ୍ୟକ୍ଷ ଭାବରେ ଦୁଇହଜାରରୁ ଅଧିକ ଉଚ୍ଚଶିକ୍ଷିତ ଏବଂ କୁଶଳୀ ଶ୍ରମଜିବୀମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଆସିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେକ୍-ଇନ୍ ଓଡିଶା କାର୍ଯ୍ୟକ୍ରମରେ ଦେଶର ପ୍ରତିଷ୍ଠିତ ଶିଳ୍ପ ଓ ଉଦ୍ୟୋଗ ଜଗତର ଶିଳ୍ପପତିମାନଙ୍କ ସହିତ ରୁଚିକୁ ସାମିଲ୍ କରି ବିଶେଷ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇଥିବାରୁ ଡକ୍ଟର ସାହୁ ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ବିଶେଷ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ରୁଚିର ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା ଯଥାକ୍ରମେ ଅରବିନ୍ଦ ସାହୁ ଓ ରଶ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରୁଚିର ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମାର୍କେଟିଂର ମୁଖ୍ୟ ପ୍ରବନ୍ଧକ ଦେବବ୍ରତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚ୍ଛଳନା କରିଥିଲେ । ଏଥିସହ ହ୍ୱାଇଟ୍ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray